ଧରିତ୍ରୀ
DHARITRI
November 26-December 2, 2023 ₹ 2/-

# ଛୁଟିଦିନ

# ବଣିଜର ଗାଁ ବନମାଳୀପୁର



ପ୍ରଚ୍ଛଦ ପ୍ରସଙ୍ଗ

୩

ଏଠି ଯୁବପିଢ଼ିଙ୍କ ଭିତରେ ଚାକିରି ପାଇଁ ଚିନ୍ତା ନାହିଁ। ନିଜ କୌଳିକ ବୃତ୍ତିକୁ ଆଗେଇ ନେବାର ନିଶା ଆଜି ତାଙ୍କୁ ଜଣେ ଜଣେ ସଫଳ ବ୍ୟବସାୟୀ କରିଛି। କେବଳ ଜଣେ କି ଦୁଇଜଣ ନୁହନ୍ତି ୨୭ ପାଟଣାକୁ ନେଇ ଗଠିତ ବନମାଳୀପୁରର କାହାଣୀ ଇଏ...



# ବାସ୍ତୁ ଅନୁଯାୟୀ କେଉଁ ମୂର୍ତ୍ତି ରଖିବା ଜରୁରୀ

**ସାଜସଜ୍ଜା ପାଇଁ ଘରେ ଆମେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ମୂର୍ତ୍ତି ରଖିଥାଉ । କିନ୍ତୁ କିଛି ମୂର୍ତ୍ତିକୁ ବାସ୍ତୁ ଅନୁଯାୟୀ ବହୁତ ଶୁଭ ବୋଲି କୁହାଯାଏ ; ଯାହାକୁ ଘରେ ରଖିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ସୁଖଶାନ୍ତି ବଢ଼ିଥାଏ ବୋଲି ବିଶ୍ୱାସ ରହିଛି । ଯେମିତିକି:**



✲ **ହାତୀ:** ଧନ, ସମୃଦ୍ଧି ଓ ଐଶ୍ୱର୍ଯ୍ୟର ପ୍ରତୀକ ହେଉଛି ହାତୀ । ବିଶେଷକରି ପିତ୍ତଳ ଓ ରୁପାର ହାତୀମୂର୍ତ୍ତି ଘର ପାଇଁ ଶୁଭ ହୋଇଥାଏ । ଶୟନକକ୍ଷରେ ପିତ୍ତଳର ହାତୀମୂର୍ତ୍ତି ରଖିଲେ ପତ୍ନୀପତିଙ୍କ ମଧ୍ୟରେ ମତଭେଦ ଦୂରହୁଏ । ଆଉ ରୁପାର ହାତୀମୂର୍ତ୍ତି ରଖିଲେ ରାହୁ ସମ୍ବନ୍ଧୀୟ ଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି ।

✲ **ଘୋଡ଼ା:** ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ ଘୋଡ଼ାମୂର୍ତ୍ତି ରଖିବା ଦ୍ୱାରା ବି ପତିପତ୍ନୀଙ୍କ ମଧ୍ୟରେ ଭଲ ପାଇବା ବୃଦ୍ଧି ହେବା ସହ ସୁଖଶାନ୍ତି ବଢ଼ିଥାଏ । ତା'ଛଡ଼ା ବ୍ୟବସାୟ ହେଉ ଅବା ଚାକିରି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥାଏ । ଘରୁ ନକାରାତ୍ମକ ଊର୍ଜାକୁ ହ୍ରାସ କରି ସକାରାତ୍ମକ ଊର୍ଜାକୁ ବଢ଼ାଇବାରେ ଏହି ମୂର୍ତ୍ତି ବିଶେଷ ସାହାଯ୍ୟ କରିଥାଏ ।

✲ **ହଂସ:** ଘରର ଡ୍ରଇଂ ରୁମ୍‌ରେ ଯୋଡ଼ି ହଂସଙ୍କ ମୂର୍ତ୍ତି ରଖିବା ଦ୍ୱାରା ଧନ ସମ୍ପତ୍ତି ବୃଦ୍ଧି ହେବା ସହ ଶାନ୍ତି ବଜାୟ ରହିଥାଏ । ଏପରିକି ସ୍ୱାମୀସ୍ତ୍ରୀଙ୍କ ଭିତରେ ବି ସମ୍ବନ୍ଧ ଦୃଢ଼ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

✲ **କଇଁଛ:** ଘରର ପୂର୍ବ ଓ ଉତ୍ତର ଦିଗରେ କଇଁଛ ମୂର୍ତ୍ତି ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ । ଏହା ଧନ-ସମୃଦ୍ଧି ସହିତ ଘରର ଉନ୍ନତି ତଥା ପରିବାର ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି ।

✲ **ମାଛ:** ମାଛର ମୂର୍ତ୍ତିକୁ ସୁସ୍ୱାସ୍ଥ୍ୟ, ସୁଖସମୃଦ୍ଧି, ଧନ ଓ ଶକ୍ତିର ପ୍ରତୀକ ବୋଲି କୁହାଯାଏ । ପିତ୍ତଳ କିମ୍ବା ରୁପାର ମାଛମୂର୍ତ୍ତିକୁ ଘରର ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ରଖିବା ଶୁଭ ହୋଇଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୨୬- ଡିସେମ୍ବର ୨**

**ମେଷ**
ବନ୍ଧୁବତ୍ସଳ ହେବେ, କାର୍ଯ୍ୟସିଦ୍ଧି ଘଟିବ, ଆର୍ଥିକ ଦୂରବସ୍ଥା ବଦଳିବ, କର୍ମକ୍ଷେତ୍ରରେ ବିବାଦ, ମିଥ୍ୟାଗୁଜବ ଶୁଣିପାରନ୍ତି, ସାମାଜିକ ସ୍ତରରେ ପ୍ରଶଂସା, ସଙ୍ଗଦୋଷରୁ ସମାଲୋଚନା, ଆତ୍ମୀୟଙ୍କ ସାହାଯ୍ୟ, ଜନସମର୍ଥନ ପାଇବେ ।

**ବୃଷ**
କାର୍ଯ୍ୟବ୍ୟସ୍ତତା ବୃଦ୍ଧି, କ୍ଲାନ୍ତିବୋଧ କରିବେ, ପରିବାରରେ ଶାନ୍ତି, ବୁଝାମଣା ଉତ୍ତମ ରହିବ, ସନ୍ତାନ ହେତୁକ ଗୌରବ, କାର୍ଯ୍ୟସିଦ୍ଧି ଘଟିବ, ଦୁଃସାହାସିକ ପଦକ୍ଷେପ ନେବେ, ସମସ୍ୟା ସୁଧୁରି ଯିବ, ସାମାଜିକ ସମ୍ମାନ ପାଇବେ, ଦୂରଯାତ୍ରାର ଯୋଜନା ॥

**ମିଥୁନ**
ଶୁଭଖବରପ୍ରାପ୍ତି, ମୂଲ୍ୟବାନ ଦ୍ରବ୍ୟଲାଭ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମାନସିକ ଚାପ ବଢ଼ିବ, ବିବାଦର ସମ୍ମୁଖୀନ ହେବେ, ସଭାକୁ ନିମନ୍ତ୍ରିତ ହେବେ, ମିତ୍ରତାବୃଦ୍ଧି ହେବ, ବ୍ୟବସାୟରେ କୁଶଳ, ପାରିବାରିକ ମତଭେଦ ॥

**କର୍କଟ**
ମାନସିକ ଶାନ୍ତି ପାଇବେ, ପାରିବାରିକ ସଦ୍ଭାବ ବଢ଼ିବ, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅନ୍ୟମନସ୍କତାରୁ ଭୁଲ୍ କରିପାରନ୍ତି, ନିଜ ପରିସରରେ ପ୍ରତିଷ୍ଠା, ବାଣିଜ୍ୟରେ ପ୍ରତିବନ୍ଧକ, ଧର୍ମକାର୍ଯ୍ୟରେ ମନ ଦେବେ ॥

**ସିଂହ**
ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ କର୍ମାରମ୍ଭରେ ତତ୍ପରତା, ବନ୍ଧୁବିଚ୍ଛେଦରୁ ଦୁଃଖ, ଅନିୟମିତତାରୁ ଅଜୀର୍ଣ୍ଣ ପୀଡ଼ା, ସହକର୍ମୀଙ୍କ ଅନୁରକ୍ତି, କାର୍ଯ୍ୟକଳାପ, ଅପବ୍ୟୟରୁ ଅନୁତାପ, ପଡୋଶୀଙ୍କ ସହ ମତଭେଦ ॥

**କନ୍ୟା**
ନୈତିକତା ବଢ଼ିବ, ପ୍ରଶଂସିତ ହେବେ, ପଦୋନ୍ନତିର ସୁଯୋଗ, ବନ୍ଧୁମାନଙ୍କ ସମାଦର, ସୌଖୀନ ଦ୍ରବ୍ୟ କ୍ରୟ କରିବେ, ଅସାବଧାନତାରୁ ଧନହାନୀ, ଅନ୍ୟାୟ ବିରୋଧରେ ସ୍ୱର, ସମର୍ଥନ ପାଇବେ ନାହିଁ, ପାରିବାରିକ ସମସ୍ୟା, କଳାସାହିତ୍ୟରେ ଉନ୍ନତି ॥

**ତୁଳା**
ବିଦେଶଯାତ୍ରାର ଯୋଜନା, ଶାରୀରିକ ସୁସ୍ଥତା, ଅର୍ଥନୈତିକ ଅବିବୃଦ୍ଧି, ସ୍ୱଜନଙ୍କ ପରାମର୍ଶ, ଗୃହପୋକରଣ କ୍ରୟ, କର୍ମକ୍ଷେତ୍ରରେ ପ୍ରଶଂସା, ବନ୍ଧୁଙ୍କୁ ଭେଟିପାରନ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ମାନସିକ ଅସ୍ଥିରତା, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ॥

**ବିଛା**
ବନ୍ଧୁ ସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ରାଜନୀତିରେ ସମସ୍ୟା, ଜମିଜମା ବିବାଦ, ଭ୍ରମଣ ସୁଯୋଗ ଜୁଟିପାରେ, ଅବସାଦ ଗ୍ରସ୍ତ ହେବେ, ଅବହେଳିତ କାର୍ଯ୍ୟରୁ ଅନୁତାପ, ଅପନିନ୍ଦା ଶୁଣି ପାରନ୍ତି, ପରିବହନରେ ଝଗଡା ॥

**ଧନୁ**
ବନ୍ଧୁଙ୍କ ସ୍ୱାର୍ଥପରତା, ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା, ସମାଲୋଚିତ ହୋଇପାରନ୍ତି, ସାମାଜିକ ନେତୃତ୍ୱ, ପ୍ରଶଂସନୀୟ କାର୍ଯ୍ୟ କରିବେ, ସ୍ୱାସ୍ଥ୍ୟହାନୀ, ଯାନ୍ତ୍ରିକ ମରାମତି, ଋଣ ପରିଶୋଧ, ସ୍ତ୍ରୀଙ୍କ ସୁପରାମର୍ଶ, ତୀର୍ଥାଟନର ସୁଯୋଗ, ସ୍ଥାନାନ୍ତର ଚିନ୍ତା ॥

**ମକର**
କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି, ଅବହେଳାରୁ କର୍ମହାନୀ, ପଦାଧିକାରୀଙ୍କ ଭର୍ତ୍ସନା, ପାରିବାରିକ ସହମତି, ଗୃହପୋଯୋଗୀ ଜମିଲାଭ, ନିର୍ମାଣରେ ଦ୍ୱନ୍ଦ୍ୱ, ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ, ବ୍ୟବସାୟରୁ ଲାଭ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା,ଲକ୍ଷ୍ୟସ୍ଥଳକୁ ଯାତ୍ରା ॥

**କୁମ୍ଭ**
ପ୍ରତିକୂଳ ପରିବେଶ, ପରିସ୍ଥିତିର ତାଡନା, ବନ୍ଧୁବର୍ଗଙ୍କ ଅସହଯୋଗ, ମିଥ୍ୟାଭିଯୋଗ ଆସିପାରେ, ମାନସିକ ଅସୁସ୍ଥତା, ସରକାରୀ ସହାୟତା ପାଇବେ, କାମ ଉତ୍ସାହପ୍ରଦ ହେବ, ଲୋକସମ୍ପର୍କ ବଢ଼ିବ, ସାମ୍ପ୍ରଦିକତାରୁ ଗୌରବ, ପ୍ରଶାସନିକ ତତ୍ପରତା ।

**ମୀନ**
ସହକର୍ମୀଙ୍କ ବଦାନ୍ୟତା, ଭୁଲ୍ ବୁଝାମଣା ଦୂର ହେବ, ଦୃଢ଼ ପଦକ୍ଷେପ ନେବେ, ଶାରୀରିକ ପୀଡାନୁଭବ, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, ପରିସ୍ଥିତିର ମୁକାବିଲା, ଆଶା ପୂରଣ ହେବ, ସତ୍‌ସଙ୍ଗର ସୁଯୋଗ, ପରିଜନ ସହ ଭ୍ରମଣ, ଶିଳ୍ପ, ବାଣିଜ୍ୟରେ ଉନ୍ନତି, ବ୍ୟବସାୟରେ କ୍ଷତି, କରଜଦାତାଙ୍କ ଚାପ ବୃଦ୍ଧି ॥

# ଶୋଇବାକୁ ନେଇ ନିୟମ



**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଶୋଇବା ସମୟରେ ମଧ କିଛିଟା ନିୟମ ମାନିବାକୁ ହୁଏ । ନଚେତ୍ ଏହାର କୁପ୍ରଭାବ ଆମର ଶରୀର ଓ ମନ ସହିତ ନିଦ୍ରା ଉପରେ ପଡ଼ିଥାଏ ବୋଲି କୁହାଯାଏ । ସେଥିପାଇଁ ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି, ଦକ୍ଷିଣ ଦିଗକୁ ମୁଣ୍ଡକରି ଶୋଇବା ଅତ୍ୟନ୍ତ ଶୁଭ ହୋଇଥାଏ । ଏହାଦ୍ୱାରା ସୁଖ ସମୃଦ୍ଧି ବଢିଥାଏ । ସେହିପରି ପୂର୍ବ ଦିଗକୁ ମୁଣ୍ଡକରି ଶୋଇଲେ ସ୍ୱାସ୍ଥ୍ୟ ଭଲ ରହିଥାଏ । ଆବଶ୍ୟକ ପଡିଲେ ପଶ୍ଚିମ ଦିଗକୁ ମୁଣ୍ଡକରି ଶୋଇହେବ, କିନ୍ତୁ କେବେ ବି ଉତ୍ତର ଦିଗକୁ ମୁଣ୍ଡକରି ଶୋଇବା ଠିକ୍ ନୁହେଁ । ଏହାଦ୍ୱାରା ଶରୀର ରୋଗଗ୍ରସ୍ତ ହେବା ସହ ଧନହାନି ହେବାର ସମ୍ଭାବନା ରହିଥାଏ ବୋଲି ମାନ୍ୟତା ରହିଛି । ସେହିପରି ଶୋଇଲାବେଳେ ମୁଣ୍ଡ ପାଖରେ ଖବରକାଗଜ, ବହି, ପତ୍ରପତ୍ରିକା, ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଘଣ୍ଟା ଆଦି ରଖିବା ଠିକ୍ ନୁହେଁ । କାରଣ ଏହାଦ୍ୱାରା ମନରେ ଉତ୍ତେଜନା ସୃଷ୍ଟି ହେବା ସହିତ ମସ୍ତିଷ୍କ ଉପରେ କୁପ୍ରଭାବ ପଡ଼ିଥାଏ । ଅନ୍ୟପକ୍ଷେ ଶୋଇବା ସମୟରେ ଶେଯ ପାଖରେ କେବେ ବି ହେମଦସ୍ତା କିମ୍ବା କୌଣସି ପ୍ରକାରର କୁଟାକୁଟି ଜିନିଷ ରଖିବା ଠିକ୍ ନୁହେଁ । ଏହାଦ୍ୱାରା ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ଶେଯ ସାମ୍ନାରେ ଭୁଲ୍‌ରେ କେବେ ବି ଦର୍ପଣ ରଖିବେ ନାହିଁ । କାରଣ ଶୋଇବା ସମୟର ଛବି ଦର୍ପଣରେ ପ୍ରତିଫଳିତ ହେଲେ ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

# ପାଠକୀୟ

✲ କେବଳ ଦୀପାବଳିର ମୁଖ୍ୟ ଆକର୍ଷଣ ନୁହେଁ ଯେ କୌଣସି ପୂଜାରେ ପ୍ରଥମେ ଖୋଜାପଡ଼େ ଦୀପ । ଦୀପର ଏହି ଆବଶ୍ୟକତା ସୃଷ୍ଟିକରିଛି ଦୀପ କାରିଗରଙ୍କୁ । ଆଉ ଦୀପ କାରିଗରଙ୍କ ପାଇଁ ପ୍ରସିଦ୍ଧି ଲାଭକରିଛି ସେମାନଙ୍କ ଗାଁ । ଦୀପ ପାଇଁ ପରିଚିତି ପାଇଥିବା କିଛି ଗାଁକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଗାଁ ଦୀପ ପାଇଁ ନାଁ'ଟି ଏକ ନିଆରା ଆଲେଖ୍ୟ ଥିଲା । 'ଦୀପ ଜାଳିବେ କିପରି', 'ଦୀପାବଳିରେ ହେବ ଧନପ୍ରାପ୍ତି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା ।

*– ପ୍ରକାଶ ସ୍ୱାଇଁ, ପେଣ୍ଟକଣ୍ଟା, ପୁରୀ*

✲ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଗାଁ ଦୀପ ପାଇଁ ନାଁ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା । 'ଦାମୀ କ୍ୟାଣ୍ଡେଲ୍' ପାଠଟି ବି ବେଶ୍ ନିଆରା ଲାଗୁଥିଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଶୀ ନୃତ୍ୟ ନିପୁଣା କୁମ୍‌କୁମ୍ ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ସୃଜନ ପୃଷ୍ଠାରେ ସ୍ଥାନିତ 'ପାଳି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା ।

*– ମାନିନୀ ସାହୁ, ବଲାଙ୍ଗୀର*

✲ ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା । ଖାସ୍‌କରି ଏଥିରେ ସ୍ଥାନିତ 'ଆଶାରେ କ୍ୟାଟ୍ରିନା', 'ନୀରଜଙ୍କ ପ୍ରଶଂସାରେ ତବୁ', 'ଯଦି ଅଫର୍ ମିଳେ' ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ଖୁବ୍ ମଜାଦାର ଥିଲା । ଲେଖିକା ସୁଜାତା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ଥିଲା । 'ଅଜବ ଲ୍ୟାମ୍ପ୍' ପାଠଟି ବି ଟିକେ ନିଆରା ଲାଗୁଥିଲା ।

*– ସସ୍ମିତା ଦାସ, ଫୁଲବାଣୀ*

✲ ମଡେଲ୍ ମିରର୍‌ରେ ପ୍ରଜ୍ୟୋତି ବେଶ୍ ସୁନ୍ଦରୀ ଲାଗୁଥିଲେ । ସହର ପୃଷ୍ଠାରୁ ଦୀପାବଳିରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ଠିକ୍ ହେବ ତାହା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ବିବିଧା ପୃଷ୍ଠାରେ ସ୍ଥାନିତ 'ସୁଖନିଦ୍ରା ପାଇଁ ତକିଆ' ତଥା 'ଦୀପ ମାହାତ୍ମ୍ୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ହାଃ ହାଃ ବି ମଜାଦାର୍ ଥିଲା ।

*– ପ୍ରଜ୍ଞାରାଣୀ ମହାନ୍ତି, ସୁନ୍ଦରଗଡ଼*

✲ ଏଥରର ବ୍ୟଙ୍ଗ ସ୍ତମ୍ଭରେ ସ୍ଥାନିତ 'ଅତିଥି ନାରାୟଣ' ଆଲେଖ୍ୟଟି ବେଶ୍ ନିଆରା ଥିଲା । ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ଲାଷ୍ଟିକ୍ ଖାଉଥିବା ରୋବୋ ଫିଶ୍', 'ଗ୍ରାଜୁଏଟ୍ ବିଲେଇ', 'ଛୋଟ ବାକ୍ସ ଭିତରେ ତିନିଜଣ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ସେତିକି ଆଶ୍ଚର୍ଯ୍ୟଜନକ ଥିଲା ।

*– ପଦ୍ମିନୀ ପାଣିଗ୍ରାହୀ, ରାଉରକେଲା*




## ବିଶେଷ ଚିଠି

ଗାଁ ଦୀପ ପାଇଁ ନାଁ
ଥିଲା ଏକ ନିଆରା ଆଲେଖ୍ୟ,
ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନ ପାଇ
ବାଣ୍ଟୁଥିଲା ଖୁସିର ଆଲୋକ ।
ସିନେମା, ସାଥୀ ବି ଥିଲା ଚମତ୍କାର
ତା'ସାଙ୍ଗକୁ ପୁଣି ପ୍ରଥମ ରୋଜଗାର,
ଅପୂର୍ବ ଅନୁଭୂତି ବି ବାଣ୍ଟୁଥିଲା
ପୁଣି ଆପଣଙ୍କ ସହରଠୁ ଦୂର ।
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରେ ମୋର ଏହି ମନ ।

*– ପ୍ରତ୍ୟୁଷ ବିଶ୍ୱାଳ, ଝାରପଡ଼ା, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ବଣିଜର ଗାଁ ବନମାଳୀପୁର



ସୂର୍ଯ୍ୟ ଉଇଁଲେ ଏଠି ସାଇକେଲ ଗଡ଼େ। କାରବାର ପାଇଁ ଆରମ୍ଭ ହୁଏ ପ୍ରସ୍ତୁତି। ଇଏ ବନମାଳୀପୁର। କୁହାଯାଏ ଏଠି କୁଆଡ଼େ ଘରେ ଘରେ ବ୍ୟବସାୟୀ। ୨୭ ପାଟଣାକୁ ନେଇ ଗଠିତ ଏହି ବନମାଳୀପୁର ଓଡ଼ିଶାର ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଲିପାଟଣା ବ୍ଲକ ଅଧୀନରେ ଥିବା ବନମାଳୀପୁରର ଜନସଂଖ୍ୟା ୨୦ ହଜାରରୁ ଊର୍ଦ୍ଧ୍ୱ।

**ଭୌଗୋଳିକ ସ୍ଥିତି:** ଏହି ଐତିହ୍ୟସମ୍ପନ୍ନ ଗାଁର ଭୌଗୋଳିକ ସ୍ଥିତି ହେଉଛି ପୂର୍ବରେ ତ୍ରିବେଣୀ ଘାଟ ତଥା ଅନ୍ତର୍ବେଦି ଓ ଜଗନ୍ନାଥଙ୍କ ମାମୁଘର କୁହାଯାଉଥିବା ନିଆଳି ମାଧବ ମନ୍ଦିର। ପଶ୍ଚିମରେ କୁଶଭଦ୍ରା ନଦୀ, ପଞ୍ଚସଖା ଶିଶୁ ଅନନ୍ତ ପୀଠ ଓ ୧୨ଶହ ଶତାବ୍ଦୀର ବୁଦ୍ଧନାଥ ଦେବଙ୍କ ମନ୍ଦିର। ଏହାର ଉତ୍ତରରେ ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କ ଜନ୍ମ ଓ ସାଧନା ପୀଠ। ଏହାର ଦକ୍ଷିଣରେ କୋଣାର୍କ ମନ୍ଦିରର ସମସାମୟିକ ବୁଦ୍ଧକେଶ୍ୱର ପୀଠ।

**ବନମାଳୀପୁର(ଅତୀତରୁ ଏବେ):** ୫୦ ବର୍ଷ ପୂର୍ବେ ବନମାଳୀପୁରରେ ଫେରି ବ୍ୟବସାୟ ହେଉଥିଲା। ପୁରୁଖା ବ୍ୟବସାୟୀମାନେ କାନ୍ଧରେ ଦସିଆ ପକାଇ ଫେରି କରିବାକୁ ଯାଉଥିଲେ। ସୂର୍ଯ୍ୟ ଉଇଁଲେ ବନମାଳୀପୁରରୁ ସାଇକେଲ ଗଡୁଥିଲା ବିଭିନ୍ନ ଗାଁକୁ। ମନୋହରି, ପାନ, ତେଜରାତି ସାମଗ୍ରୀ ହରେକ ମାଲ୍, କସ୍ତା ଶାଢ଼ି, ଗାମୁଛା, କଂସାବାସନ, ରୁପା ଓ ସୁନା ଗହଣା ନେଇ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ପଡ଼ାକୁ ଯାଉଥିଲେ। ଆପଣ ଯାହା ଖୋଜିବେ ତାହା ବନମାଳୀପୁରରେ ମିଳିବ। ଆଖପାଖ ଅଞ୍ଚଳରେ ବସୁଥିବା ସାପ୍ତାହିକ ହାଟକୁ ଏବେ ବି ଉଠାଦୋକାନୀ ନିଜ ନିଜ ପସରା ନେଇ ଯାଉଛନ୍ତି। ଓଡ଼ିଶାର ପ୍ରମୁଖ ସହର ଓ ରାଜ୍ୟ ବାହାରେ ବନମାଳୀପୁର ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଅଛି। ଏବେ ବି ଏଠାକାର ବ୍ୟବସାୟୀମାନେ ସକାଳ ହେଲେ ସାଇକେଲ ନେଇ ବାହାରି ପଡ଼ନ୍ତି। ଆଖପାଖରେ ବ୍ୟବସାୟ ସାରି ସନ୍ଧ୍ୟାରେ ଘରକୁ ଫେରନ୍ତି। ତୈଳିକ ସମାଜର ସାଧବମାନେ ପ୍ରାୟ ୧୦୦୦ ବର୍ଷ ପୂର୍ବରୁ ସାମଗ୍ରୀ ଧରି ପ୍ରାଚୀ ନଦୀରେ ଜଳପଥ ଦେଇ ବୋଇତରେ ଜାଭା, ସୁମାତ୍ରା ଓ ଇଣ୍ଡୋନେସିଆ ପରି ବିଭିନ୍ନ ଦେଶକୁ ଯାଉଥିଲେ। ଆରାଧ୍ୟ ଦେବୀ କାକଟପୁର ମା' ମଙ୍ଗଳାଙ୍କୁ ଆରାଧନା କରି ସାଧବ ବୋହୂମାନେ ଶୁଭ ମନାସୀ ମେଲାଣି ଦେଉଥିଲେ। ଲୋକମୁଖରୁ ଶୁଣାଯାଏ, ପ୍ରାୟ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଏଠାରେ ବୈଶ୍ୟ ବସତି ଥିଲା ବୋଲି ଅନୁମାନ

> ଏଠି ଯୁବପିଢିଙ୍କ ଭିତରେ ଚାକିରି ପାଇଁ ଚିନ୍ତା ନାହିଁ। ନିଜ କୌଳିକ ବୃତ୍ତିକୁ ଆଗେଇ ନେବାର ନିଶା ଆଜି ତାଙ୍କୁ ଜଣେ ଜଣେ ସଫଳ ବ୍ୟବସାୟୀ କରିଛି। କେବଳ ଜଣେ କି ଦୁଇଜଣ ନୁହନ୍ତି ୨୭ ପାଟଣାକୁ ନେଇ ଗଠିତ ବନମାଳୀପୁରର କାହାଣୀ ଇଏ...

କରାଯାଏ। କୁହାଯାଏ ଆଗରୁ ଏଠାକାର ପିଲାମାନେ କେବଳ ହିସାବ ଜାଣିବା ପରେ ବହିବସ୍ତାନିରେ ଡୋରି ବନ୍ଧା ହେଉଥିଲା। ପୁରୁଷମାନେ ବ୍ୟବସାୟକୁ ଯାଉଥିଲେ। ସ୍ତ୍ରୀ ଲୋକମାନେ ଘରେ ଖାଲିରେ ନ ବସି ଗୁଆ କାଟି, ତନ୍ତ ବୁଣି ରୋଜଗାର କରୁଥିଲେ। ଆଜିକାଲି ତନ୍ତ କି ଦସିଆ କାନ୍ଧରେ ଦେଖିବାକୁ ମିଳୁନି ସତ କିନ୍ତୁ ଏଠାରେ କେହି ବେରୋଜଗାର ନାହାନ୍ତି।

**ଧାର୍ମିକ ବୈଶିଷ୍ଟ୍ୟ:** ଏହି ୨୭ ପାଟଣାରେ ଭାଇଚାରା ବଜାୟ ରଖିବାକୁ ୨୨ମଣ୍ଡଳ ରହିଛି। ସମସ୍ତଙ୍କ ଊର୍ଦ୍ଧ୍ୱରେ ଦିଆନ୍‌ପାଟଣାସ୍ଥିତ ବଡ଼ମଠ। ମଠ ମହନ୍ତଙ୍କ ନିର୍ଦ୍ଦେଶରେ ଧାର୍ମିକ କାର୍ଯ୍ୟକ୍ରମ ହୁଏ। କିଛି ବି ସମସ୍ୟା ଆସିଲେ ମହନ୍ତଙ୍କ ପରାମର୍ଶ ଲୋଡ଼ାହୁଏ। ଦଶହରା ଓ ହରପାର୍ବତୀ ପୂଜା ସମସ୍ତଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିବାର ଅନ୍ୟ ଏକ ନମୁନା।

**ତ୍ରିବେଣୀ ବୁଡ଼:** ବାଲିପାଟଣା ବ୍ଲକ ବନମାଳୀପୁର ନିକଟ ପୁରାଣବର୍ଣ୍ଣିତ ଅନ୍ତର୍ବେଦି ପୀଠରେ ଅନୁଷ୍ଠିତ ହୁଏ ତ୍ରିବେଣୀ ବୁଡ଼। କପିଳ ସଂହିତା ଗ୍ରନ୍ଥରେ ତ୍ରୟୋଦଶ ଶତାବ୍ଦୀରେ ଏହି ତୀର୍ଥର ମାହାତ୍ମ୍ୟ କଥା ଲିପିବଦ୍ଧ ହୋଇଛି। କଥିତ ଅଛି କି ଦ୍ୱାଦଶ ଶତାବ୍ଦୀର ଚତୁର୍ଥ -ପଞ୍ଚମ ଦଶକରେ କବି ଜୟଦେବ ଏହି ପବିତ୍ର ଘାଟରେ ଗାଧୋଇ ନିଆଳିସ୍ଥିତ ମାଧବ ଦର୍ଶନରେ ଯାଉଥିଲେ। ସେତେବେଳେ ପ୍ରାଚୀ ନଦୀର ତିନୋଟି ଧାର ଥିଲା, ଯାହାର ମିଳନସ୍ଥଳକୁ ତ୍ରିବେଣୀ ସଙ୍ଗମ କୁହାଯାଉଥିଲା। ଏଠାରେ ଥିବା ମଠରେ ଦାରୁନିର୍ମିତ ଜଗନ୍ନାଥ ପୂଜା ପାଉଛନ୍ତି। ଏଠାରେ ତ୍ରିବେଣୀଶ୍ୱର ମହାଦେବ ମନ୍ଦିର ଅଛି। ଏହି ଘାଟରୁ ଜୟଦେବ ଶଙ୍ଖ, ପଦ୍ମ, ଗଦା ଓ ପଦ୍ମଧାରୀ ଭଗବାନ ମାଧବଙ୍କ ବିଗ୍ରହ ପାଇଥିବା ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ ତାଙ୍କ ଶ୍ରୀ ଗୀତଗୋବିନ୍ଦ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ମାଘମାସ ଅମାବାସ୍ୟା ତିଥିରେ ଏଠାରେ ବୁଡ଼ ପଡ଼େ। ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାନ୍ତି। ମାସ ମାସ ଧରି ମେଳା ଚାଲେ। ଆଖପାଖ ଅଞ୍ଚଳର ଲୋକେ ମେଳାରୁ ଘରକରଣା ଜିନିଷ କିଣନ୍ତି। ଏବେ ବି ଏହି ପୀଠରେ ପୂର୍ବର ସମସ୍ତ ପରମ୍ପରା ବଞ୍ଚିରହିଛି। ମାତ୍ର ମେଳା ଯାତ ବନ୍ଦ ହୋଇଯାଇଛି। ଏପରି ଏକ ପବିତ୍ର ପୀଠରେ ହବିଷ ପାଳିବାକୁ କଟକ, ଜଗତ୍‌ସିଂହପୁର, ପୁରୀ ଓ ଖୋର୍ଦ୍ଧା ଅଞ୍ଚଳରୁ ବହୁ ସଂଖ୍ୟାରେ ହବିଷିଆଳି ଆସନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହବିଷିଆଳିଙ୍କ ଧାର୍ମିକ କାର୍ଯ୍ୟରେ ବର୍ଷସାରା ଶାନ୍ତ ପଡ଼ିଥିବା ପୀଠ ଚଳଚଞ୍ଚଳ ହୋଇଉଠେ। ଏହାଛଡ଼ା ଏଠାରେ ମହାଳୟା ଶ୍ରାଦ୍ଧ ଓ ପିଣ୍ଡଦାନ କରି ଶ୍ରଦ୍ଧାଳୁ ପୁଣ୍ୟ ଅର୍ଜନ କରିଥା'ନ୍ତି। ଏଠାରେ ଗୁପ୍ତ ଗଙ୍ଗାର ଆବିର୍ଭାବ ଯୋଗୁ ଶ୍ରାବଣ ମାସରେ ହଜାର ହଜାର କାଉଡ଼ିଆ ଆସି ପ୍ରାଚୀର ପବିତ୍ର ଘାଟରୁ ପାଣି ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରନ୍ତି। ଚିତଉ ଅମାବାସ୍ୟାରେ ଦଶପାଟଣାରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୁଏ। ଗୋଟିଏ ଦିନରେ ଦଶଟି ଗାଁରେ ନାମ ସଂକୀର୍ତ୍ତନର ପ୍ରକମ୍ପନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ। ଗୋଟିଏ ଗାଁରେ ଏକ ସମୟରେ ଶତାଧିକ ବ୍ୟକ୍ତିଙ୍କ ଭାଗବତ ପାରାୟଣ ଓ ଦୀପ ପ୍ରଜ୍ୱଳନ ଏକ ଅନନ୍ୟ ଧାର୍ମିକ ଭାବାବେଗ। ଏପରି ଏକ ପରମ୍ପରା ସମ୍ପର୍କରେ ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ ମଣ୍ଡଳ କୁହନ୍ତି, ଲୋକଶ୍ରୁତିରୁ ଜଣାଯାଏ ୧୯୬୪ ମସିହାରେ ଅମୃତମଣୋହି ପାଟଣାର ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହେଲା କି ଏଠି ଭୈରବ ରଡ଼ି ହେବ। ଯାହାର ପ୍ରଭାବରେ ଏ ପାଖାପାଖି ଗାଁର ଲୋକଙ୍କ ମୃତ୍ୟୁ ସୁନିଶ୍ଚିତ। ତେଣୁ ଲୋକେ ଭୟଭୀତ ହେଇ ଅଷ୍ଟମ ପ୍ରହର

→









ନାମଯଜ୍ଞ ସେହି ଗାଁର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ କଲେ। ତା'ପରଦିନ ଜଣାଗଲା ଯେ କାହାର କିଛି କ୍ଷତି ହୋଇନାହିଁ। ତେଣୁ ସେହିଦିନଠାରୁ ଦଶପାଟଣାରେ ଚିତାଲାଗି ଅମାବାସ୍ୟା ଦିନ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଆସୁଛି।

**ସାଂସ୍କୃତିକ ଓ ନୌବାଣିଜ୍ୟ କୀର୍ତ୍ତି:** ପ୍ରାଚୀମୁଳକ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ସାଧବମାନଙ୍କ ନୌବାଣିଜ୍ୟ କୀର୍ତ୍ତିରାଜିର ସ୍ମୃତି ମନେପକାଇ ପ୍ରତିବର୍ଷ ଏଠାରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହୁଏ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାରୁ ମହାଜନ ସମ୍ପ୍ରଦାୟର ଭାଇଭଉଣୀମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଋଦ୍ଧିମନ୍ତ କରିଥା'ନ୍ତି। ସମସ୍ତେ ମିଶି ଆଡ଼ମ୍ବର ସହକାରେ ଏହି ଉତ୍ସବକୁ ପାଳନ କରନ୍ତି। ଚତୁର୍ଥ ମୂଳକ ସଭାପତି ରବୀନ୍ଦ୍ର ନାଥ ସେନାପତି କୁହନ୍ତି,୧୯୩୦ ମସିହାରୁ ଏହି ତୈଳିକ ସମାଜ ବୋଇତ ବନ୍ଦାଣ ଉତ୍ସବ କରିଆସୁଛି। ସାତମୂଳକ ମିଶି କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ପବିତ୍ର ବୋଇତ ବନ୍ଦାଣ ପର୍ବ ପାଳନ ହେଉଛି।

ଅଧ୍ୟାପକ ଡ. ମୁରଲୀଧର ସାହୁ କୁହନ୍ତି, ଏହି ୨୭ ପାଟଣାବାସୀ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଏଠାରେ ବସତି ସ୍ଥାପନ କରିଆସୁଛନ୍ତି। ସବୁଠୁ ବଡ଼ କଥା ହେଲା ଏଠାକାର ଲୋକମାନେ ଚାକିରି ଉପରେ ନିର୍ଭର କରନ୍ତି ନାହିଁ ସମସ୍ତେ ବ୍ୟବସାୟ କରି ବେଶ୍ ଆରାମରେ ଚଳନ୍ତି। କେହି ବି ବେକାର ନାହାନ୍ତି । ଏହି ଗାଁର ଶତାୟୁ ବ୍ୟକ୍ତି ହାଡ଼ିବନ୍ଧୁ ସାହୁ କୁହନ୍ତି, ଆମ ପିଲାବେଳେ ଆମେ କାନ୍ଧରେ ଦସିଆ ପକାଇ ମାଟିକାଦୁଅ ରାସ୍ତାରେ ସ୍ନୋ ପାଉଡର, ଅତର ଆଦି ବିକିବାକୁ ଯାଉଥିଲୁ। ଗାଁ ଫେରିରେ ଯାହାକିଛି ମିଳୁଥିଲା ସେଥିରେ ପରିବାର ଗୁଜୁରାଣ ମେଣ୍ଟୁଥିଲା। ବ୍ୟବସାୟ ବ୍ୟତୀତ ଏ ମାଟି ବହୁ ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷଙ୍କୁ ଜନ୍ମଦେଇଛି। ଏ ସମ୍ପର୍କରେ ରମେଶ ଚନ୍ଦ୍ର ସାହୁ କୁହନ୍ତି, ଆମ ବାପାଙ୍କର ବାଲିପାଟଣା ଛକରେ ଏକ ବହି ଦୋକାନ ଥିଲା। ସେହି ଦୋକାନ ଲାଭରେ ବାପା ଆମକୁ ପାଠ ପଢ଼ାଇ ଶିକ୍ଷିତ କରାଇଥିଲେ। ପରେ ସ୍ପେଶାଲ କ୍ଲାସ୍ ଲାଇସେନ୍ସ ପାଇ ଠିକା ବ୍ୟବସାୟ କରୁଥିଲି। ଏବେ ପିଲାମାନେ ରୋଜଗାର କରିବା ପରେ ଆମେ କିଛି ବ୍ୟବସାୟୀ ମିଶି ବନମାଳୀପୁର ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଗଢିଲୁ। ଯାହାମଧ୍ୟରେ ଗୋପବନ୍ଧୁ ପାଠାଗାର, ରବି ରାୟ ସ୍ମୃତିସଂସଦ ଆଦି ଅନ୍ୟତମ। ଶିକ୍ଷାକ୍ଷେତ୍ରରେ ଏହି ଅଞ୍ଚଳରେ ବେଶ୍ ଜଣାଶୁଣା ଡ. ଜୟନୁଲ ଆବେଦିନ୍‌ଙ୍କ ଘର ଏଇଠି। ଏଇଠି ବି ଅଛନ୍ତି ଏମିତି ଜଣେ ବ୍ୟକ୍ତିବିଶେଷ ; ଯିଏ ଛୋଟ ଲୁଗା ବିକାଳିରୁ କଠିନ ପରିଶ୍ରମ ଫଳରେ ଓଡ଼ିଶାର ରାଜଧାନୀରେ ଏକ ବୃହତ୍ ହୋଲ୍‌ସେଲ୍ ବ୍ୟବସାୟ ପ୍ରତିଷ୍ଠା କରିଛନ୍ତି। ତେଜରାତି ଦୋକାନରୁ ହୋଟେଲ ଶିଳ୍ପ କରି ରାଜଧାନୀରେ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ପ୍ରତିଷ୍ଠିତ। ଏମିତି ଏଠାକାର ବହୁ ଲୋକ ସାଧାରଣ ଦସିଆ ଦୋକାନରୁ ଆଜି ପ୍ରତିଷ୍ଠିତ ବ୍ୟବସାୟୀ ହେବାର ନଜିର ମଧ୍ୟ ଅଛି। ଏଠାକାର ଯୁବକମାନେ ବିଶ୍ୱାସ କରନ୍ତି, ଚାକିରି ଅପେକ୍ଷା ବ୍ୟବସାୟରେ ଅଧିକ ଭଲରେ ରୋଜଗାର କରିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଯୁକ୍ତି ସୁବିଧା ଦେଇହେବ।



ରବୀନ୍ଦ୍ର ନାଥ ସେନାପତି



ଡ. ମୁରଲୀଧର ସାହୁ



ସୁରେନ୍ଦ୍ର ନାଥ ସାହୁ

**ମନ ବନମାଳୀପୁରରେ**

ଆଜି ବନମାଳୀପୁର ବାସିନ୍ଦା ଓଡ଼ିଶାର ବିଭିନ୍ନ ସ୍ଥାନରେ ବେଶ୍ ପ୍ରତିଷ୍ଠିତ। ତଥାପି ସେମାନେ ଭୁଲି ନାହାନ୍ତି ମୂଳ ମାଟି ଗାଁ ବନମାଳୀପୁରକୁ। ଗାଁରେ ସମସ୍ତ ଯାନିଯାତ୍ରା, ଧର୍ମୀୟ ଅନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ସବୁ ପ୍ରକାର ସହଯୋଗ କରନ୍ତି। ଏମାନଙ୍କ ମଧ୍ୟରେ ଜଣେ ହେଲେ ଗୁରୁ କିଙ୍କର ଜେଠୀ। ସେ କୁହନ୍ତି, ଭୁବନେଶ୍ୱରରେ ରହିଲେ ମଧ୍ୟ ଗାଁକୁ ଭୁଲି ହେବନାହିଁ। ସେହିପରି ଗୁଆ ବ୍ୟବସାୟୀ ସୁରେନ୍ଦ୍ର ନାଥ ସାହୁ କୁହନ୍ତି, ବନମାଳୀପୁରରେ ଆମ ପୂର୍ବଜମାନେ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୁଆ ବ୍ୟବସାୟ କରୁଥିଲେ। ମୁଁ ମଧ୍ୟ ସେହି କୌଳିକ ବୃତ୍ତିକୁ ଆପଣାଇଛି। ଆମର ଗୁଆ ଆଣ୍ଡାମାନ, ଥାଇଲାଣ୍ଡ, ବର୍ମା, ଇଣ୍ଡୋନେସିଆ, କର୍ନାଟକ ଏବଂ କେରଳରୁ ଆସୁଛି। ଆମେ ସବ୍-ହୋଲ୍‌ସେଲରଙ୍କୁ ବିକ୍ରୟ କରୁ। ସେମାନେ କାଟି, ପ୍ରୋସେସିଙ୍ଗ୍ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଗୁଆ ପଠାନ୍ତି।

**ବନମାଳୀପୁର ଯାଉଥିଲେ:** ଆପଣ ଯଦି ଭୁବନେଶ୍ୱରପଟୁ ଆସୁଛନ୍ତି ତେବେ ଭୁବନେଶ୍ୱରରୁ ଭାୟା ଉତ୍ତରା ଦେଇ ବାଲକାଟୀ, ବାଲିପାଟଣା, ଅଠାନ୍ତର ହୋଇ ଆସିପାରିବେ। ମୋ ବସ୍ ସୁବିଧା ମଧ୍ୟ ଅଛି। ପୁରୀ କିମ୍ବା କୋଣାର୍କରୁ ଭାୟା ନିମାପଡ଼ା ଦେଇ ଅଠାନ୍ତର ଭାୟାରେ ଆସିପାରିବେ। କଟକରୁ ଆସିଲେ ଜୟଦେବ ପୀଠ ଦେଇ ମଧ୍ୟ ଆସିହେବ। ନିଆଳିରୁ ଆସିଲେ ସିଧା ନୂଆଗାଁ ଦେଇ ଅନ୍ତର୍ବେଦି ରାସ୍ତାରେ ଆସିପାରିବେ। ଏଠାରେ ସବୁ ସାମଗ୍ରୀ ଉଚିତ୍ ମୂଲ୍ୟରେ କିଣିବା ସହିତ ଏଠାରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ କରିପାରିବେ। ଏଠାକୁ ଆସିବା ବାଟରେ ଚଉଷଠି ଯୋଗିନୀ, ଗାନ୍ଧୀ ସ୍ମୃତିପୀଠ, ବୁଦ୍ଧନାଥ ମନ୍ଦିର, ଜୟଦେବ, ପର୍ଯ୍ୟଟନ କ୍ଷେତ୍ର ଶିଶୁ ଅନନ୍ତ ପୀଠରୁ କାକଟପୁର ମଙ୍ଗଳା, କୋଣାର୍କ ଦେଇ ପୁରୀ ଯାଇ ପାରିବେ। ଭୁବନେଶ୍ୱରରୁ ମାତ୍ର ୨୭ କିଲୋମିଟର, କଟକରୁ ୪୨ କିଲୋମିଟର, ନିଆଳିରୁ ୧୨ କିଲୋମିଟର, ପୁରୀରୁ ୬୦ କିମି ଏବଂ ନିମାପଡ଼ାଠାରୁ ମାତ୍ର ୨୫ କିମି ଦୂରରେ ଏହି ଐତିହ୍ୟସମ୍ପନ୍ନ ବନମାଳୀପୁର ଅବସ୍ଥିତ।

*-ଅଭିମନ୍ୟୁ ନାୟକ*







# ଗୋଲ୍ଡେନ୍ ଶାଢ଼ି ଫ୍ୟାଶନ





**ମହିଳାଙ୍କୁ ଆକର୍ଷଣୀୟ ଲୁକ୍ ଦିଏ ଶାଢ଼ି। ଖାସ୍ କରି ଗୋଲ୍ଡେନ କଲର୍ ଶାଢ଼ିର କଥା ହିଁ କିଛି ନିଆରା। ଏହା ଦେଖିବାକୁ ଯେମିତି ଗର୍ଜିୟସ୍ ଲାଗେ ପିନ୍ଧିଲେ ବି ସେମିତି ଆକର୍ଷଣୀୟ ଲୁକ୍ ମିଳେ। ତେବେ ଏହି ଗୋଲ୍ଡେନ କଲର୍ ଶାଢ଼ିର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

**⁕ହେଭି ୱାର୍କ ଗୋଲ୍ଡେନ ଶାଢ଼ି:** ଚଉଡ଼ା ବର୍ଡର ସାଙ୍ଗକୁ ହେଭି ୱାର୍କ ହୋଇଥିବା ଗୋଲ୍ଡେନ୍ କଲର୍‌ର ଶାଢ଼ିକୁ ବାହାଘର, ମେହେନ୍ଦି, ବ୍ରତଘର ଭଳି ଫ୍ୟାମିଲି ଫଙ୍କଶନ୍‌ରେ ପିନ୍ଧିବା ପାଇଁ ବେଷ୍ଟ ହୋଇଥାଏ। କିନ୍ତୁ ଧ୍ୟାନ ଦେବେ ଏହି ଟାଇପ୍‌ର ଶାଢ଼ି ପିନ୍ଧିବାବେଳେ ହେଭି ଜୁଏଲେରୀ ନ ପିନ୍ଧି ଯେତେ ସମ୍ଭବ କମ୍ ମ୍ୟାଚିଂ ଜୁଏଲେରୀ ପିନ୍ଧିବେ ସେତେ ସୁନ୍ଦର ଲୁକ୍ ମିଳିବ।

**⁕ ନେଟ୍ ଶାଢ଼ି ଡିଜାଇନ୍:** ମଡର୍ଣ୍ଣ ଲୁକ୍ ଦେଇଥାଏ ନେଟ୍ ଡିଜାଇନ୍ ଶାଢ଼ି। ଆଉ ଯଦି କଥା ଗୋଲ୍ଡେନ କଲର୍ ନେଟ୍ ଡିଜାଇନ୍ ଶାଢ଼ିର ଉଠେ, ତା'ହେଲେ ତ ଲୁକ୍ ଆହୁରି ଗର୍ଜିୟସ୍ ଲାଗେ। ଏହାକୁ ବି ପାର୍ଟି, ଫଙ୍କସନ୍‌ରେ ପିନ୍ଧିବା ପାଇଁ ଟ୍ରାଏ କରାଯାଇପାରେ। ତେବେ ଏହି ଟାଇପ୍‌ର ଶାଢ଼ି ସାଙ୍ଗରେ ଅନ୍‌କଟ୍ ଡାଇମଣ୍ଡ ଜୁଏଲେରୀ ବେଶ୍ ଭଲ ମ୍ୟାଚିଂ କରିଥାଏ।

**⁕ ଟିସୁ ସିଲ୍କ ଶାଢ଼ି ଡିଜାଇନ୍:** ଟିସୁ ସିଲ୍କ ଶାଢ଼ିର ବି ଡିମାଣ୍ଡ ସବୁବେଳେ ରହିଆସିଛି। ଖାସ୍ କରି ଗୋଲ୍ଡେନ୍ କଲର୍‌ର ଟିସୁ ସିଲ୍କ ଶାଢ଼ି ମହିଳାଙ୍କୁ ରୟାଲ୍ ଲୁକ୍ ଦେଇଥାଏ। ତେବେ ଲୁକ୍‌କୁ ଯଦି ଆହୁରି ଆକର୍ଷଣୀୟ କରିବା ପାଇଁ ଚାହୁଁଥାନ୍ତି ତା'ହେଲେ ଏହି ଶାଢ଼ି ସାଙ୍ଗକୁ ମ୍ୟାଚିଂ କରି କେଶକୁ ଖୋଷା କରି ସେଥିରେ ନାଲି ରଙ୍ଗର ଗୋଲାପ ଫୁଲକୁ ହେୟାର୍ ଆସେସରିଜ୍ ଭାବେ ବ୍ୟବହାର କରିପାରିବେ।

### ଗୋଲ୍ଡେନ୍ କଲର୍ ଶାଢ଼ି ଓ ମ୍ୟାଚିଂ ବ୍ଲାଉଜ୍

ଶାଢ଼ି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିଥାଏ ଏହାର ବ୍ଲାଉଜ୍। ତେଣୁ ଶାଢ଼ି ସାଙ୍ଗକୁ ସବୁବେଳେ ପରଫେକ୍ଟ ମ୍ୟାଚ୍ କଲାଭଳି ବ୍ଲାଉଜ୍ ପିନ୍ଧିବା ଜରୁରୀ। ତେବେ ଗୋଲ୍ଡେନ୍ କଲର୍ ଶାଢ଼ି ସାଙ୍ଗରେ କେଉଁ ଭଳି ବ୍ଲାଉଜ୍ ପିନ୍ଧିଲେ ଲୁକ୍ ଗର୍ଜିୟସ୍ ଦେଖାଯିବ ଜାଣନ୍ତୁ ସେ ସମ୍ପର୍କରେ...

⁕ ଗୋଲ୍ଡେନ୍ ଶାଢ଼ିରେ ସେହି ଗୋଲ୍ଡେନ୍ କଲର୍‌ର ବ୍ଲାଉଜ୍ ଏବଂ ତା'ସହିତ ମ୍ୟାଚିଂ କରି ମେରୁନ୍ କଲର୍ ଜୁଏଲେରୀ ପିନ୍ଧିଲେ ମୋନୋକ୍ରୋମ୍ ଲୁକ୍ ମିଳିଥାଏ। ଖାସ୍ କରି ଚନ୍ଦେରି ଫାବ୍ରିକ୍‌ର ଗୋଲ୍ଡେନ୍ କଲର୍ ବ୍ଲାଉଜ୍ ଏହି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ।

⁕ ଯଦି ଲୁକ୍‌କୁ ଟିକେ ମଡର୍ଣ୍ଣ ଟଚ୍ ଦେବାକୁ ଚାହୁଁଥାନ୍ତି, ତା'ହେଲେ ଗୋଲ୍ଡେନ୍ କଲର୍ ଶାଢ଼ି ସାଙ୍ଗକୁ ମ୍ୟାଚିଂ କରି ହଟ୍ ପିଙ୍କ୍ କଲର୍ ବ୍ଲାଉଜ୍ ପିନ୍ଧି ପାରିବେ। ଆଉ ତା'ସହିତ ଡାଇମଣ୍ଡ ଜୁଏଲେରୀକୁ ବି ଟ୍ରାଏ କରିପାରିବେ।

⁕ କ୍ଲାସି ଲୁକ୍ ପାଇଁ ଗୋଲ୍ଡେନ୍ କଲର୍ ଶାଢ଼ି ସାଙ୍ଗରେ ରାଉଣ୍ଡ ନେକ୍ ବାଲା ଜରି ୱାର୍କ ହୋଇଥିବା ବ୍ଲାକ୍ କଲର୍ ବ୍ଲାଉଜ୍‌କୁ ବି ଟ୍ରାଏ କରିପାରିବେ।

⁕ ମେରୁନ୍ କଲର୍ ରୟାଲ୍ ଟଚ୍ ଦେଇଥାଏ। ଆଉ ଗୋଲ୍ଡେନ୍ ଶାଢ଼ି ସାଙ୍ଗକୁ ମେରୁନ କଲର୍ ବ୍ଲାଉଜ୍ ପିନ୍ଧିଲେ ଲୁକ୍ ବେଶ୍ ଫ୍ୟାନ୍ସି ଲାଗେ। ଆଉ ଏହି ଟାଇପ୍‌ର ଲୁକ୍‌କୁ ଗୋଲ୍ଡେନ୍ କଲର୍ ହେଉ ଅବା ଟେମ୍ପଲ୍ ଡିଜାଇନ୍ ଜୁଏଲେରୀ ବେଶ୍ ଭଲ ମ୍ୟାଚ୍ କରିଥାଏ।

⁕ ଗୋଲ୍ଡେନ୍ କଲର୍ ଶାଢ଼ି ସାଙ୍ଗକୁ ନାଲି ରଙ୍ଗର ଡିଜାଇନର୍ ବ୍ଲାଉଜ୍ ବି ଆକର୍ଷଣୀୟ ଲାଗେ।





# ଚଣ୍ଡେଶ୍ୱର ପୀଠରେ କାର୍ତ୍ତିକ ମେଳା





**ଭୁ**ବନେଶ୍ୱରଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ଚିଲିକା-ବାଲୁଗାଁ ଅଭିମୁଖେ ପ୍ରାୟ ୬୦ କିମି ଦୂର ଚାନ୍ଦପୁର -ଟାଙ୍ଗୀ ପାର ହୋଇ ଆସିଲେ ପଡ଼ିବ ଚଣ୍ଡେଶ୍ୱର ଛକ। ଏହି ଛକରୁ ଅଳ୍ପ ଦୂରରେ ରହିଛି ଶ୍ରୀଶ୍ରୀ ଚଣ୍ଡେଶ୍ୱର ଦେବଙ୍କ ମନ୍ଦିର। ସେହିପରି ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଆସିଲେ ରାଜପଥରେ ପଡିବ କୁହୁଡ଼ି ଛକ ତା'ପରେ ପଡ଼ିବ ଛଣ୍ଡେଶ୍ୱର ଛକ। ସ୍ଥାନୀୟ ଅଞ୍ଚଳର କେହିକେହି ଏହାକୁ ଆରଡ଼ାଛକ ବୋଲି କୁହନ୍ତି।

**ପୁରାଣ କଥା:** ସୋମବଂଶୀ ରାଜା ଦ୍ୱିତୀୟ ଯଯାତି କେଶରୀ (ଚଣ୍ଡକେଶରୀ)ଙ୍କ ଶାସନ କାଳରେ ଏହି ମନ୍ଦିର ନିର୍ମାଣ ହୋଇଥିବା ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି। ତେଣୁ ଚଣ୍ଡକେଶରୀଙ୍କ ନାମାନୁସାରେ ଠାକୁରଙ୍କ ନାମ ଚଣ୍ଡେଶ୍ୱର ଦେବ ହୋଇଥିବା କୁହାଯାଉଛି। ଚଣ୍ଡେଶ୍ୱର ଦେବଙ୍କୁ କେହି କେହି ଚଣ୍ଡିହରଦେବ ବୋଲି କହିଥାନ୍ତି। ରାଜା ଯଯାତି କେଶରୀ ଦାକ୍ଷିଣାତ୍ୟ ରାଜ୍ୟ ଜୟ କରିବା ଉଦ୍ଦେଶ୍ୟରେ ରଣପୁର, ବାଣପୁର, କୁହୁଡ଼ି, ଛଗଡ଼ ଆଦି ଗ୍ରାମରୁ ଅଧିକ ସୈନ୍ୟ ସଂଗ୍ରହ ପାଇଁ ଏହି ଅଞ୍ଚଳରେ ଶିବିର ପକାଇଥିଲେ। ପରେ ରାଜାଙ୍କୁ ସେତେବେଳେ ସ୍ୱପ୍ନାଦେଶ ହୋଇଥିଲା ଯେ ରାଜା ଜୟଯୁକ୍ତ ହେବେ। ରାଜ୍ୟ ଜୟ ପରେ ମହାପ୍ରଭୁଙ୍କ ଲାଗି ସେ ଏହି ମନ୍ଦିର ନିର୍ମାଣ କରିଥିଲେ। କିମ୍ବଦନ୍ତୀରୁ ଜଣାପଡ଼େ ବାଣାସୁର ନିଜର ଆରାଧ୍ୟ ଦେବ ଭାବେ ଏକଦା ଚଣ୍ଡେଶ୍ୱର ଦେବଙ୍କୁ ପୂଜା ଆରାଧନା କରିଥିବା ପୁରାଣରେ ବର୍ଣ୍ଣିତ ହୋଇଛି।

**ମନ୍ଦିର ଗଠନ:** ରାଜା ଦ୍ୱିତୀୟ ଯଯାତି କେଶରୀଙ୍କ ଦ୍ୱାରା ସ୍ଥାପିତ ଶ୍ରୀଶ୍ରୀ ଚଣ୍ଡେଶ୍ୱର ଦେବଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ୯୦ଫୁଟ ଥିଲା। ଏହି ମନ୍ଦିର ବିଭିନ୍ନ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଥିଲା। କିନ୍ତୁ ୧୯୫୫ ଅକ୍ଟୋବର ୨୯ ତାରିଖରେ ଏହି ମନ୍ଦିରର ଉପରି ଭାଗ କୌଣସି କାରଣରୁ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଏହି ମନ୍ଦିରର ପାଟ ଅଗଣାରେ ଜଣେ ଗୁହାରିଆ ସହିତ ଏକ ଷଣ୍ଢ ଶୋଇଥିଲେ ବି ସେମାନଙ୍କର କୌଣସି କ୍ଷତି ହୋଇ ନ ଥିଲା। ଭୁଶୁଡ଼ି ପଡ଼ିଥିବା ମନ୍ଦିରର ପୁନଃ ମରାମତି ଓ ନିର୍ମାଣ କାର୍ଯ୍ୟ ୧୯୭୩ ମସିହାରେ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ବିଭାଗ ଦାୟିତ୍ୱ ନେଇ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭକରିଥିଲେ । ବର୍ତ୍ତମାନ ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୬୦ଫୁଟ ହେବ। ଏହି ମନ୍ଦିରରେ କେତେକ ପୁରୁଣା ମୂର୍ତ୍ତିଙ୍କୁ ସୁରକ୍ଷିତ ରଖାଯାଇଥିବା ବେଳେ ଅନ୍ୟ କେତୋଟି ମୂର୍ତ୍ତିଙ୍କୁ ପୁନଃନିର୍ମାଣ କରାଯାଇଛି। ମନ୍ଦିର ବେଢା ଓ

**ପାର୍ଶ୍ୱ ଦେବଦେବୀ:** ମୁଖ୍ୟ ମନ୍ଦିର ଚତୁଃପାର୍ଶ୍ୱରେ ଛୋଟବଡ଼ ହୋଇ ଏକାଧିକ ମନ୍ଦିର ରହିଛି। ମା' କାଳୀଙ୍କ ମନ୍ଦିର, ଗଙ୍ଗେଶ୍ୱର, ଗୌରୀ, ହରିଶ୍ୱର, ରାମେଶ୍ୱର, ଯମେଶ୍ୱର, ନୀଳକଣ୍ଠେଶ୍ୱର, ସିଦ୍ଧେଶ୍ୱର, ଧବଳେଶ୍ୱର, ଗୋମୁଖେଶ୍ୱର ନାମକ ଚତୁର୍ଦ୍ଦଶ ଲିଙ୍ଗ ପୂଜା ପାଉଛନ୍ତି। ମହାଶମ୍ଭୁ ଶ୍ରୀଚଣ୍ଡେଶ୍ୱରଦେବଙ୍କ ମନ୍ଦିର ସମ୍ମୁଖରେ ମା' ଦୁର୍ଗାଙ୍କ ମନ୍ଦିର, ତା' ପାଖରେ ଶ୍ରୀଲକ୍ଷ୍ମୀ ନାରାୟଣଙ୍କ ମନ୍ଦିର, ଏହାଛଡ଼ା ଏହି ପୀଠରେ ଆଖଣ୍ଡଳମଣି, ଶ୍ରୀରାମ, ମହାବୀର, ରାଧାକୃଷ୍ଣଙ୍କ ମନ୍ଦିର ରହିଛି। ସେହିପରି ମନ୍ଦିର ବାହାରେ ରଘୁନାଥଦେବଙ୍କ ମନ୍ଦିର, ଧର୍ମଶାଳା, ମା' ଦୁଆରଶୁଣିଙ୍କ ମନ୍ଦିର ରହିଛି। ୨୦୨୩ ମସିହାରେ ନୂତନ କରି ପଶ୍ଚିମପଟେ ଭକ୍ତନିବାସ ନିର୍ମାଣ ହୋଇଛି। ତେବେ ମୁଖ୍ୟ ମନ୍ଦିରର ବେଢା ପରିସରରେ ଏକ କୂପ ରହିଛି। ଯେଉଁଥିରେ ସର୍ବଦା ସ୍ୱଚ୍ଛ ଜଳ ଭରିରହିଥାଏ। ଏହି ପବିତ୍ର ପୀଠର ଆରାଧ୍ୟ ଦେବ ଶ୍ରୀଶ୍ରୀଚଣ୍ଡେଶ୍ୱର ଦେବଙ୍କ ପାତାଳଫିଠା ଶିବଲିଙ୍ଗ ସୁବିଖ୍ୟାତ । ଏହି ମନ୍ଦିର ପରିଚାଳନା କାର୍ଯ୍ୟ ମନ୍ଦିର ଟ୍ରଷ୍ଟ ଦ୍ୱାରା ପରିଚାଳିତ ।

**ଗାଁର ନାମ ଚଣ୍ଡେଶ୍ୱର:** ମନ୍ଦିର ପରିସରରେ ଚଣ୍ଡେଶ୍ୱର ଦେବଙ୍କ ପୂଜା ପାଇଁ ପ୍ରଥମେ କମା ବ୍ରାହ୍ମଣଙ୍କୁ ନିଯୁକ୍ତି କରାଯାଇଥିଲା। ସେମାନଙ୍କ ବଂଶ ଲୋପପାଇଯିବାରୁ ସତ୍ୟବାଦୀ ନିକଟସ୍ଥ ବୀର ରାମଚନ୍ଦ୍ରପୁରରୁ ବ୍ରାହ୍ମଣଙ୍କୁ ଆଣି ସେମାନଙ୍କୁ ସାମନ୍ତରାୟ ପଦ ଦେବା ସହିତ ପ୍ରଥମେ କୁହୁଡ଼ି ଗଡ଼ରେ ରଖାଯାଉଥିଲା। ପରେ ଚଣ୍ଡେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଏକ ଗ୍ରାମ ସ୍ଥାପନ କରାଯାଇଥିଲା। ସେମାନେ ଏଠାରେ ରହିଲେ। ଶ୍ରୀ ଚଣ୍ଡେଶ୍ୱରଦେବଙ୍କ ନାମ ଅନୁସାରେ ଗାଁର ନାମ ଚଣ୍ଡେଶ୍ୱର ହେଲା।

**ପର୍ବପର୍ବାଣି:** ବାବା ଚଣ୍ଡେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବସରରେପ୍ରାୟ ୩ସପ୍ତାହଧରି ଏକ ବଡ଼ ମେଳା ହୋଇଥାଏ। ବିଭିନ୍ନ ଘରକରଣା ସାମଗ୍ରୀ କିଣାବିକା ହୋଇଥାଏ। ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ 'ଚଣ୍ଡେଶ୍ୱର ଯାତ୍ରା' ବୋଲି କୁହନ୍ତି। ଏହାବ୍ୟତୀତ ଏଠାରେ ମହାଶିବରାତ୍ରି, ଶୀତଳଷଷ୍ଠୀ, ଧନୁସଂକ୍ରାନ୍ତି, ପୌଷପୂର୍ଣ୍ଣିମା, ବସନ୍ତ ପଞ୍ଚମୀ, ଦୋଳ, ଚନ୍ଦନଯାତ୍ରା ଆଦି ପର୍ବପର୍ବାଣି ଖୁବ୍ ଧୁମଧାମରେ ପାଳିତ ହୋଇଥାଏ। ସେହିପରି ଏହି ପୀଠରେ ଚୈତ୍ର ମାସରେ ଦଣ୍ଡପର୍ବ ହେଉଥିବା ଦେଖିବାକୁ ମିଳେ। ଏଠାରେ ଠାକୁରଙ୍କ ସେବା ପୂଜାବିଧି ନିମନ୍ତେ ପ୍ରାୟ ୨୫୦ ଏକରରୁ ଅଧିକ ଜମିକୁ ରାଜାରାଜୁଡ଼ା ସମୟରୁ ଖଞ୍ଜା ହୋଇଥିବା ସମ୍ପର୍କରେ ଶୁଣିବାକୁ ମିଳୁଥିବା ବେଳେ ସ୍ଥାନୀୟ ଆଖପାଖ ଅଞ୍ଚଳର ଏକାଧିକ ମୌଜାରେ ଠାକୁରଙ୍କ ଜମି ରହିଛି। ତେବେ ଠାକୁରଙ୍କ ଭୋଗପୂଜା ନୀତି ଅନୁସାରେ ସକାଳ ଧୂପରେ ବଲ୍ଲଭ, ଦହି, ଖଇଭୋଗ, ମଧ୍ୟାହ୍ନ ଧୂପରେ ଖେଚିରି, ଖେଚୁଡ଼ି, ଡାଲମା ଆଦି ପୂଜା ଲାଗି କରାଯାଇଥାଏ। ସନ୍ଧ୍ୟାରେ ଏଣ୍ଡୁରି, ରାତିରେ ଦହିପଖାଳ ଆଦି ଭୋଗଲାଗି ହୋଇଥାଏ। ଏଠାରେ ପାଳନ ହେଉଥିବା ବିଭିନ୍ନ ପର୍ବ ସମୟରେ ତିଥିବାର ଅନୁଯାୟୀ ଭିନ୍ନଭିନ୍ନ ଭୋଗ ପୂଜାଲାଗି ହୋଇଥାଏ। ଯେମିତି କି ଏଣ୍ଡୁରି, କାକରା, ପଣା, ଫଳ, ଅନ୍ନ, ଡାଲମା, ଖେଚୁଡ଼ି, ତରକାରି, ଖିରି, ଚୁଡ଼ାଘଷା ଇତ୍ୟାଦି। ଭକ୍ତମାନଙ୍କ ପାଇଁ ଏଠାରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ। ସେବାୟତ ଭାବେ ମୁଖ୍ୟତଃ ମାଳି, ବ୍ରାହ୍ମଣ, କାହାଳିଆ ସେବାକାର୍ଯ୍ୟ ତୁଲାଇଥାନ୍ତି। ଏହାବ୍ୟତୀତ ଭକ୍ତଜନ ଏବଂ ମନ୍ଦିର ଟ୍ରଷ୍ଟର ସଭ୍ୟାସଭ୍ୟମାନେ ମନ୍ଦିର ସୁପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ଏହି ପୀଠରେ କାଳିକା ହ୍ରଦ ନାମରେ ଏକ ପୁଷ୍କରିଣୀ ରହିଛି, ଯେଉଁଠାରେ ପ୍ରତିବର୍ଷ ଠାକୁରଙ୍କ ଚନ୍ଦନଯାତ୍ରାରେ ଚାପଖେଳ ହୋଇଥାଏ। କୈବର୍ତ୍ତମାନଙ୍କ ଦ୍ୱାରା ନୌକା ଚାଳନା କରାଯାଇଥାଏ। ଚଣ୍ଡେଶ୍ୱର ଗାଁ ନିକଟରେ ବହିଯାଇଥିବା କୁସୁମୀ ନଈର ହୁଳୁହୁଳିଆ ଗଣ୍ଡରେ ସ୍ନାନସାରି ଚଣ୍ଡେଶ୍ୱର ଦେବଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ଚଣ୍ଡେଶ୍ୱର ଦେବଙ୍କ ମନ୍ଦିର ବେଢା ପରିକ୍ରମା ପାଇଁ ପ୍ରତି ସୋମବାର ଏବଂ ସଂକ୍ରାନ୍ତି ଦିନ ଶହଶହ ଭକ୍ତଙ୍କ ଭିଡ଼ ଜମିଥାଏ। ଏହି ଶୈବପୀଠକୁ ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରୁ ବି ଶ୍ରଦ୍ଧାଳୁ ଭକ୍ତମାନେ ଆସିଥାନ୍ତି। ଏହି ପୀଠ ମଧ୍ୟରେ କେତେକ ମୂଲ୍ୟବାନ ବୃକ୍ଷରାଜି ରହିଛି ଯଥା- ଚନ୍ଦନ, ଶିବଶକ୍ତି, ଚମ୍ପା, ନାଗେଶ୍ୱର, ବକୁଳ, ଅଶୋକ, ନିମ୍ବ, ନାଗାର୍ଜୁନ,ଆମ୍ବ, ପଣସ ଶୋଭାପାଉଛି। ସେହିପରି ପୋଖରୀ କଡ଼ରେ ପୁଷ୍ପ ଉଦ୍ୟାନ ରହିଛି।

ଐତିହ୍ୟ ଓ କୀର୍ତ୍ତିରାଜିଭରା ଏହି ପବିତ୍ର ଶୈବପୀଠକୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ିବାକୁ ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। **-ବନବିହାରୀ ବେହେରା**







# ଶାନ୍ତିର ନୀରବତା

**-ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ମୋତେ ଭୋକ ଲାଗିଲାଣି
କହିବା ବେଳେ
ତୁ' ଆକାଶରେ
ମୋତେ ଚାନ୍ଦ ଦେଖାଇଲୁ,
ତାକୁ ଡାକିଡାକି
ମୋର ଭୋକ ମେଣ୍ଟାଇଲୁ ।
ମୋତେ ନିଦ ଆସିବା ବେଳେ
ତୁ' ନୀଳ ବାଦଲ ବିଛାଇ
ସ୍ୱପ୍ନରେ ପହଁରୁଥିଲୁ ।
ମୁଁ ତୋ'ର ପଛେପଛେ
ସାଥେଯାଇ
ଶୋଇ ପଡିଥିଲି ।
ଘରକୁ ଯିବା ପାଇଁ
ଯେତେବେଳେ କହଲି ମୁଁ
ସେତେବେଳେ-
ରାତ୍ରିର ଅନ୍ଧକାର ଭିତରେ
ତୋ'ରି କୋଳରେ
ମୋତେ ଜାଗା ଦେଇଥିଲୁ
ଯେଉଁଥିରେ-
ଝରକା ନ ଥିଲା କି କବାଟ
ମାତ୍ର କାହାରିକୁ ଭୟ ନଥିଲା ମୋର
ତୋରି କୋଳରେ ।


*-ସମ୍ପାଦକ ପରମ୍ପରା, ପୁରୁଣା ସହର*
*ମୋ:୯୯୩୮୩ ୦୯୬୫୨*

# ଜିଦି

**-ସୁପ୍ତି କର**

ସକାଳ ଚଲା ଶେଷ କରି ଶୁଭ୍ରା ଫୁଲଗଛ ଓ ଘାସରେ ସୁସଜ୍ଜିତ ପଥଧାର ସିମେଣ୍ଟ ବେଞ୍ଚ ଉପରେ ବସୁ ବସୁ ଅଚାନକ ଏକ ଛୁଆର କାନ୍ଦ ତାର ଦୃଷ୍ଟି ଆକର୍ଷଣ କଲା । ଶୁଭ୍ରା ଦୃଷ୍ଟି ଫେରାଇ ଦେଖିଲା ସାଇକେଲ ଉପରେ ଏକ ଭ୍ରାମ୍ୟମାଣ ପାଉଁରୁଟି ବାଲା ଆଗେ ଆଗେ ଯାଉଛି ତା' ପଛରେ ଛୁଆଟିଏ ପାଉଁରୁଟି ପାଇଁ ଜିଦ କରି କାନ୍ଦି କାନ୍ଦି ଦୌଡୁଛି । ଅଚାନକ ଛୁଆଟି ପଛରେ ଦଉଡ଼ି ଆସି ଅତି ସାଧାରଣ ବେଶ ପୋଷାକରେ ଥିବା ସ୍ତ୍ରୀ ଲୋକଟିଏ ଛୁଆଟିର ହାତ ଧରି ଟାଣି ନେଇ ତା'ର ଅବାରିତ ଗତିପଥକୁ ଖାଲି ରୋକି ଦେଲାନି ବରଂ ଚଢ଼ା ଗଳାରେ କହିଲା---ହୁଁ! ସାହିବ ହେଇଛି । ଘରେ ବାସି ରୁଟି ଅଛି ତାକୁ ଖାଇବନି ପାଉଁରୁଟି ଖାଇବ । ପାଞ୍ଚ-ଛ'ବର୍ଷର ଛୁଆଟିର କଅଁଳ ମୁହଁଟି ଲୁହ, ନାଳ, ସିଂଘାଣି ତା' ଉପରକୁ ଆଖି ଓ କପାଳର କଜଳ ମିଶି ସିମେଣ୍ଟ ଚଟାଣ ଉପରେ ଗୋବର ଲିପିଲା ଭଳି ଦିଶୁଥାଏ । ପାଉଁରୁଟି ବାଲା ଆଗେଇଗଲା । ସ୍ତ୍ରୀ ଲୋକଟି ବି ଦଉଡ଼ି ଥକିଗଲା ବୋଧେ, ତେଣୁ ଶୁଭ୍ରା ବସିଥିବା ସିମେଣ୍ଟ ବେଞ୍ଚରୁ ଟିକିଏ ଦୂର ଫୁଟପାଥ ଉପରେ ଲଥ କରି ବସି ପଡ଼ିଲା । ଇତି ମଧ୍ୟରେ ଛୁଆଟି ଦଉଡ଼ି ଆସି ମା' ମା' କହି ସ୍ତ୍ରୀ ଲୋକଟିର ଶାଢୀ ଧରି ଭେଁ ଭେଁ କାନ୍ଦୁଥିବାବେଳେ ସାମ୍ନାରେ ପ୍ରଜାପତି ଟିଏ ଉଡ଼ିବା ଦେଖି ଚୁପ ହୋଇଗଲା । ସତେକି କେହି ଯାଦୁ ଛଡ଼ିଟିଏ ବୁଲାଇ ଦେଲା । ଛୁଆଟିର ଓଠରେ ଖେଳିଗଲା ଧାରେ ହସ । ଏବେ ସେ ପାଉଁରୁଟି କଥା ଏକଦମ ଭୁଲି ଯାଇଥିଲା ଯେମିତି । ଘାସ ମଝିରେ ଉଠିଥିବା ଲାଜକୁଳୀ ଲତାକୁ ଛୁଇଁ ଦେଇ ତା'ର ପତ୍ର ମୁଜି ହୋଇଯିବା ଦେଖି ଛୁଆଟିର ଶୁଖିଲା ମୁହଁଟି ହସର ଜ୍ୟୋସ୍ନାରେ ପଖାଳି ହୋଇଯାଉଥାଏ । ସ୍ତ୍ରୀଟିର ଫୋନ ବାଜିଲା--ତା'ର ମଳିଛିଆ ବ୍ଲାଉଜ ସାଇଡ଼ରୁ ଫୋନଟି ବାହାରକରି କାନରେ ଦେଇ କହୁଥାଏ---ଯିବିନି! ଜମାରୁ ଯିବିନି । ତୁଇ ଜାଣିଛୁ ମୁଁ ସକାଳୁ ଦୁଧ ବାଲା ଚା'ପିଏ । ଦୁଧ ଆଣିଲେ ଯାଇଁ ଘରକୁ ଫେରିବି । ଲାଲ ଚା'ପିଇ ପାରିବିନି । ଚଳେଇବାକୁ ବଳ ନଥିଲା ତ ମୋ ହାତ ଧରିଲୁ କାହିଁକି ?ହୁଁ! ଫୋନ ବି ମୁଁ ମୋ ବାପା ପଇସାରେ ଚାରଜ କରୁଛି । ବାପାର ଦୁଧ ପାକିଟି କିଣିବାକୁ ବଳ ନାହିଁ,ଏଣେ ପୁଅ କହୁଛି ପାଉଁରୁଟି ଖାଇବ । ଶୁଭ୍ରା ଏସବୁ ଦେଖି ଭାବୁଥିଲା କେତେ ଜିଦି ସ୍ତ୍ରୀ ଲୋକଟିର । ପୁଅ ତ ତା ଜିଦ ଛାଡ଼ି ଖେଳିଲାଣି । ସତରେ ମଣିଷ ବଡ଼ ହେଲେ ଏ ଛୁଆ ହୃଦୟଟି କେଉଁଠି ହଜିଯାଏ କେଜାଣି ? ହଠାତ କିଛି ଭାବି କରେଣ୍ଟ ମାରିଲା ପରି ସେ ଠିଆ ହୋଇଗଲା । ସେ'ବି ତ ଏଠି ୱାକିଂ ପରେ ବି ଜାଣି ଜାଣି ବସିରହି ଡେରି କରୁଛି । ଅମିତଙ୍କ ଉପରେ ଅଭିମାନ କରିଛି ଯେ ଅମିତ, କାଲି ମିଟିଂରେ ବ୍ୟସ୍ତ ରହିବାରୁ ତାକୁ ବାନ୍ଧବୀର ଜନ୍ମଦିନ ପାର୍ଟିରେ ଏକା ଯିବାକୁ ପଡ଼ିଲା । ଆଜି ତାର ପ୍ରତିଶୋଧ ସ୍ୱରୂପ ସେ ସକାଳ ଚା' ତିଆରି କରିବନି । ସେ ଜାଣେ ଯଦିଓ ଅମିତ ଚା'ର ଖୁବ ସୌକିନ, ତଥାପି ଆକାଶ ପାତାଳ ଏକ ହୋଇଯିବ, ହୁଏତ ସୂର୍ଯ୍ୟ ବି ପଶ୍ଚିମରେ ଉଦୟ ହୋଇଯିବେ କିନ୍ତୁ ଅମିତ ହାତରେ ଚା'ତିଆରି କରି ପିଇବେନି । ସେ କୁହନ୍ତି--ଶୁଭ୍ରା ! ତୁମ ହାତର ସକାଳ ଚା' ଟା ନହେଲେ ମୋ ଦିନଟା ପୁରା ବିଗିଡ଼ି ଯାଏ । ଆଃ !ଅମିତଙ୍କ ନିଦୁଆ ଶୁଖିଲା ମୁହଁଟା ମନେ ପଡ଼ି ତା'ଜିଦର ଗଣ୍ଠିଟା ଢିଲା ପଡ଼ିଗଲା । ମୋବାଇଲରେ ସମୟ ଦେଖି ତରବର ହୋଇ ଘର ଆଡ଼େ ପାଦ ବଢ଼ାଇଲା ଶୁଭ୍ରା ।

*- ଜେ.ଏନ ଲେନ, ରାଉରକେଲା,*
*ମୋ:୯୪୩୮୩୯୩୮୩୮*





# ଛଳନା

**-ସୁନୀତା ନାୟକ**

ମିଛ ହସର ମୁଖା ପିନ୍ଧି
କେତେ ବା ଆଉ ଘୋଡାଇ ପାରିବି
ଆଖିର ପଲକ ତଳେ ଲୁହର ବାଦଲକୁ!!
ବରଷି ଯିବାକୁ ବ୍ୟାକୁଳ ଲୋତକ ବିନ୍ଦୁର
କରାଳ ଚିତ୍କାର ଦୋହଲାଇ ଦିଏ
ବୁକୁର ପାଷାଣ ପ୍ରାଚୀରକୁ,
ଦୁଃଖ କଷ୍ଟର ନିଃଶବ୍ଦ ଘର୍ଘର ନାଦ
ବିଦୀର୍ଣ୍ଣ କରିଦିଏ ହୃଦୟର କୋଣାନୁକୋଣ ।
ମନ ଭିତରେ ଅଶାନ୍ତ ନିଆଁ କୁହୁଳି ଉଠେ,
ଜଳିବାକୁ ଜଳାଇବାକୁ ଛଳନାର କୋକେଇର
ଶାୟିତ ଅତୃପ୍ତ ଆଭିଲିପ୍ସାକୁ!
ଉଲଗ୍ନ କରିଦେବାକୁ ଇଛା ହୁଏ
ଅଦୃଶ୍ୟ ଚାଦରରେ ଆଚ୍ଛାଦିତ
ସତ୍ୟର ସତ୍ତା ସବୁକୁ ।
ହେଲେ ମୁଁ ଲାଚାର !
ମୁଁ ବିବଶ !
ପାଲଟି ଗଲାଣି ଆଗ୍ନେୟ ଗିରି,
ଉଦ୍ଗିରଣର ସମ୍ଭାବନାକୁ ରୋକି ତ
ହେବନି,
ହେଲେ ଏମିତି ଜଳୁଥିବି ଯୁଗ ଯୁଗ ଧରି ।
କାରଣ ମୁଁ ଛଳନା,
ଅଧିକାରର ବାହାରେ ମୋର
ସତ୍ୟର ପରିପ୍ରକାଶ କରିବାର ଅଭୀପ୍ସା ।

*-ନିମାପଡ଼ା, ପୁରୀ*
*ମୋ:୯୮୬୧୮୦୧୩୯୬*

# ବଡ ପରଦାରେ 'ନଟିଆ'

ଥରେ ମନେ ପକାନ୍ତୁ ନା ୟୁ ଟ୍ୟୁବ୍‌ରେ ପ୍ରାୟ ସମସ୍ତଙ୍କର ମନ ଜିଣିଥିବା କାର୍ଟୁନ ଧାରାବାହିକ 'ନଟିଆ କମେଡି'କୁ। ଏହାର ଟାଇଟଲ ଭୂମିକା ପାଇଁ ଭଏସ୍ ଦେଇ ରାତାରାତି ପ୍ରଶଂସା ସାଉଁଟିଥିଲେ ସ୍ମୃତି ରଞ୍ଜନ ମହାନ୍ତି। ଆଉ ଏବେ ଠିକ୍ ଏହି ନାଁରେ ସେ ବଡ ପରଦାରେ ଦେଖିବାକୁ ମିଳିଛନ୍ତି। ଫିଲ୍ମଟି ହେଲା ରମେଶ ରାଉତଙ୍କ ନିର୍ଦ୍ଦେଶିତ 'ଆପଣମାନେ ଖୁସି ତ'। ଏଥିରେ ଏକ ନେଗେଟିଭ କମେଡି ଚରିତ୍ର 'ନଟିଆ'ରେ ଅଭିନୟ କରିଛନ୍ତି ସେ। ଜଟଣୀ ତିରିମଲରେ ଜନ୍ମିତ ଡ୍ରାମା ନିର୍ଦ୍ଦେଶକ ଆର୍ତ୍ତତ୍ରାଣ ମହାନ୍ତି ଏବଂ କନକ ମଞ୍ଜରୀ ମହାନ୍ତିଙ୍କ ଏହି ପୁତ୍ରଙ୍କୁ ଓଲିଉଡ୍‌ରେ ପ୍ରଥମେ ବ୍ରେକ୍ ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ରାଜୁ ମିଶ୍ର ଆଉ ଚିତ୍ରଟି ଥିଲା 'କୋଟିଏରେ ଗୋଟିଏ ମନ'। ଏଥିରେ ଜଣେ ପାର୍ଶ୍ୱ ଅଭିନେତା ଭାବରେ ଅଭିନୟ କରିବା ପରେ ଆକ୍ଟିଂର ନିଶା ତାଙ୍କର ଦ୍ୱିଗୁଣିତ ହୋଇଯାଇଥିଲା। ସିନେମା ଇଣ୍ଡଷ୍ଟ୍ରିର ଭିତିରି କଥାକୁ ନେଇ ପ୍ରସ୍ତୁତ ହୋଇଛି 'ଆପଣମାନେ ଖୁସି ତ'। ଚଳିତ ମାସ ୨୪ରେ ଫିଲ୍ମଟି ରିଲିଜ ହୋଇଛି ଏବଂ ଦର୍ଶକ ଏହାକୁ ଗ୍ରହଣ କରିବେ ବୋଲି ଆଶା ରଖିଛନ୍ତି ଆଇଟିକୁ ପ୍ରଫେସନ କରିଥିବା ସ୍ମୃତି।


ସ୍ମୃତି ରଞ୍ଜନ

# ପ୍ରଥମ ଅଫର ଅନ୍ତରାଳେ..

ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଓମ୍ ଶାନ୍ତି ଓମ୍'। ଏହାର ନିର୍ଦ୍ଦେଶନା ଦେଇଥିଲେ ନାମୀ କୋରିଓଗ୍ରାଫର ଫରାହ ଖାଁ। ଖାସ୍ କଥା ହେଲା, ଏଥିରେ ଶାହରୁଖ ଖାଁ ଏବଂ ଅର୍ଜୁନ ରାମପାଲଙ୍କ ପରି ଅଭିନେତା ଅଭିନୟ କରିଥିଲେ। କିନ୍ତୁ ଏହି ଅଫର ପାଇବା ପଛରେ ଏକ ମଜାଦାର କଥା ଲୁଚି ରହିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ନିଜ ଅଭିନୟ ଜୀବନର ସ୍ମରଣୀୟ ଘଟଣାବଳୀ ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଥିଲେ। ଦୀପିକା କହନ୍ତି, 'ମୁଁ ହିମେଶ ରେଶମିଆଁଙ୍କ ଏକ ଆଲବମ୍‌ରେ ଅଭିନୟ କରୁଥାଏ। ଏହାର ଶୁଟିଂ ସମୟରେ ଥରେ ସେଟ୍‌କୁ ଫରାହ ମ୍ୟାମ୍ ଆସିଥିଲେ। ଏହି ମ୍ୟୁଜିକ ଆଲବମ୍‌ରେ ମୁଁ ଏବଂ ହିମେଶ ଉଭୟ ଡ୍ୟାନ୍ସ କରିବା ସମୟରେ ସେ ମୋ ଡ୍ୟାନ୍ସ ଦେଖି ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ, ଯଦି ସମ୍ଭବ ହୁଏ ସେ ତାଙ୍କ ସିନେମାରେ ମତେ ନାୟିକା ଭାବରେ ବ୍ରେକ୍ ଦେବେ ବୋଲି କହିଥିଲେ। ଆଉ ଯେତେବେଳେ ସେ ମୋତେ ଏ ନେଇ ବିଧିବଦ୍ଧ ଅଫର ଦେଲେ ସେତେବେଳେ ମୋ ଖୁସି ଦେଖେ କିଏ। ପୁଣି ଯେବେ ଜାଣିଲି ମୋ ଡେବ୍ୟୁ ଫିଲ୍ମର ନାୟକ ଶାହରୁଖ ହେବେ ମୁଁ ବିଶ୍ୱାସ କରିପାରି ନ ଥିଲି।'


ଦୀପିକା

# ତଥାପି ଖୁସି

ବବି ଦେଓଲ। ବଲିଉଡ୍‌ରେ ତାଙ୍କର ୨୮ ବର୍ଷର କ୍ୟାରିୟରକୁ ନେଇ ବେଶ୍ ଖୁସି ଅଛନ୍ତି। ଅବଶ୍ୟ ସେ ଯେତେବେଳେ ନାୟକ ସାଜିଲେ ସେତେବେଳେ ତାଙ୍କୁ ୨୭ ବର୍ଷ ବୟସ ହୋଇଥିଲା। ଆଉ ଫିଲ୍ମଟି ଥିଲା 'ବରସାତ୍'। ହେଲେ ଏହାପୂର୍ବରୁ ସେ 'ଧରମବୀର' ଚିତ୍ରରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। କିନ୍ତୁ ରାଜୀବ ରାଇଙ୍କ ନିର୍ଦ୍ଦେଶିତ 'ଗୁପ୍ତ' ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେଇଥିଲା। ବବିଙ୍କ ଅଭିନୀତ ଅନ୍ୟତମ ହିଟ୍ ସିନେମା ଥିଲା 'ସୋଲ୍‌ଜର୍' ଯେଉଁଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ପ୍ରୀତି ଜିଣ୍ଟା। କିନ୍ତୁ ହଠାତ୍ ସେ ଅଭିନୟରୁ ପାଖାପାଖି ୧୦ ବର୍ଷ ଦୂରେଇ ଯାଇଥିଲେ। ପୁଣି ଥରେ ୨୦୧୮ରେ 'ରେସ୍-୩' ମାଧ୍ୟମରେ ସେ ବଡ ପରଦାରେ ରି-ଏଣ୍ଟ୍ରି କରିଥିଲେ। ଏ ନେଇ ସେ କହନ୍ତି, 'ଅଭିନୟ ଜୀବନରେ ଅନେକ କିଛି ଘଟିଥାଏ। ମୋର ଅପ୍ ଆଣ୍ଡ ଡାଉନ୍ ଆକ୍ଟିଂ କ୍ୟାରିୟରକୁ ନେଇ ମୁଁ ଖୁସି ଅଛି। ଏବେ ଓଟିଟି ପ୍ଲାଟଫର୍ମରେ ଅଭିନୟ କରୁଛି। ଏଠାରୁ ମୋତେ ବେଶ୍ ଆତ୍ମସନ୍ତୋଷ ମିଳିଛି।'


ବବି

# ଇମୋଶନାଲ ଫାତିମା ସାନା ଶେଖ

'ଦଙ୍ଗଲ' ଫେମ୍ ଫାତିମା ସାନା ଶେଖ କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ଏକ ନୂଆ ସିନେମାର କାହାଣୀ ଶୁଣୁ ଶୁଣୁ ତାଙ୍କ ଆଖିରେ ଲୁହ ଆସି ଯାଇଥିଲା। ଯେତେବେଳେ ନିର୍ଦ୍ଦେଶକ ତାଙ୍କୁ କାହାଣୀ ଶୁଣାଇଲେ, ସେ ଆରମ୍ଭରୁ ବେଶ୍ ଉତ୍ସୁକତାର ସହ ଶୁଣିଥିଲେ। କାହାଣୀର କ୍ଲାଇମାକ୍ସ ସମୟରେ ତାଙ୍କ ମୁହଁର ଭାବଭଙ୍ଗୀ ବଦଳି ଯାଇଥିଲା। ପ୍ରଥମେ ମୁରୁକି ମୁରୁକି ହସୁଥିବା ଫାତିମାଙ୍କ ମୁହଁ ଗମ୍ଭୀର ହୋଇଯାଇଥିଲା। ଏପରି କି ତାଙ୍କ ଦୁଇ ଆଖିରେ ଲୁହ ଦେଖିବାକୁ ପାଇଥିଲେ ନିର୍ଦ୍ଦେଶକ। ତାଙ୍କର ହଠାତ୍ ଏପରି ଅବସ୍ଥା ଦେଖି ସେ ଅଡୁଆରେ ପଡିଯାଇଥିଲେ। ଏଭଳି ଘଟଣା ସମ୍ପର୍କରେ ଫାତିମା କହନ୍ତି, ''ଏହାର କାହାଣୀଟି ମୋତେ ବେଶ୍ ଇମ୍ପ୍ରେସ କରିଥିଲା। ଏହା ସହ ମୁଁ ଏପରି ମଜ୍ଜି ଯାଇଥିଲି ଯେ କ୍ଲାଇମାକ୍ସ ସମୟରେ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ରଚିତ। ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।'' ତେବେ ଏହି ନୂଆ ଫିଲ୍ମଟି ତାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଫାତିମା

# ଚିନ୍ତାରେ ଅନନ୍ୟା

କଥାରେ ପରା ଅଛି- 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଗଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି କହି ଏଭଳି ସୁଯୋଗକୁ ହାତଛଡ଼ା କରିଥିଲେ। ହେଲେ କିଛି ଦିନ ପରେ ସେ ନିଜ ନିଷ୍ପତ୍ତିକୁ ପୁଣି ଥରେ ତର୍ଜମା କରି ତାହାକୁ ବଦଳାଇବାକୁ ଠିକ୍ କଲେ। ତା'ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ହଁ, ଏପରି ସୁଯୋଗ କାହାକୁ ମିଳିଥିଲା ଜାଣନ୍ତି? ଚଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ। ଏ ନେଇ ସେ କହନ୍ତି, 'ଯେତେବେଳେ ଏହି ଅଫର ବିଷୟରେ ମୋତେ ପ୍ରଯୋଜକ ସୂଚନା ଦେଲେ ସେତେବେଳେ ମୁଁ ସମୟ ଅଭାବ କାରଣରୁ କରିବାକୁ ମନା କରି ଦେଇଥିଲି। ହେଲେ ଶେଷରେ ଅନେକ ଚିନ୍ତା କରି ସମୟକୁ ଆଡଜଷ୍ଟ କରି ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲାବେଳକୁ ଜାଣିବାକୁ ପାଇଲି ମୋ ସ୍ଥାନରେ ସେମାନେ ଆଉ ଜଣଙ୍କୁ ସାଇନ୍ କରି ସାରିଲେଣି। ଗୋଟେ ଭଲ ରୋଲ୍ ହାତରୁ ଖସି ଯିବାରୁ ଏବେ ମୁଁ ଟିକେ ଟେନସନରେ ଅଛି। ହେଲେ ଆକ୍ଟିଂ ଲାଇନ୍ ଏପରି ହିଁ ହୋଇଥାଏ। ମୋର ଦୃଢ଼ ବିଶ୍ୱାସ ଅଛି ଭବିଷ୍ୟତରେ ଏଭଳି ଏକ ଭୂମିକା ମୋତେ ନିଶ୍ଚୟ ମିଳିବ।' ତେବେ ଅନନ୍ୟାଙ୍କର ଏହି ଆଶା କେତେ ପୂରଣ ହେଉଛି।


ଅନନ୍ୟା

# କ୍ରିମିନାଲ ଲୟର୍‌ରୁ ଅଭିନେତ୍ରୀ

କପୁର ପରିବାରର ଅନ୍ୟତମ ସଫଳ କଳାକାର ଭାବରେ କରୀନା କପୁରଙ୍କୁ ଗଣନା କରାଯାଏ। ବଲିଉଡ୍‌ରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିବା ସହ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ଏପରି କି ସୈଫ ଅଲ୍ଲୀ ଖାଁଙ୍କ ସହ ଘର ସଂସାର କରିବା ଏବଂ ଦୁଇଟି ସନ୍ତାନର ଜନନୀ ହେବା ପରେ ମଧ୍ୟ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛନ୍ତି ଏହି ଅଭିନେତ୍ରୀ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଅଭିନୟ କ୍ଷେତ୍ରରେ ପାଦ ଦେବାକୁ ତାଙ୍କର ପ୍ରଥମେ ଆଦୌ ଆଗ୍ରହ ନ ଥିଲା। ମୁମ୍ବାଇସ୍ଥିତ ମିଠିବାଈ କଲେଜରେ ପଢ଼ିବା ପରେ ସେ ଆଇନ୍‌ରେ ଡିଗ୍ରୀ ହାସଲ କଲେ। ସେତେବେଳେ ତାଙ୍କ ମନରେ ଏକ ଆଶା ଥିଲା। ଏଲଏଲବି ଶେଷ ହେବା ପରେ ଜଣେ କ୍ରିମିନାଲ ଓକିଲ ହେବେ। ଏ ନେଇ କରୀନା କହନ୍ତି, 'ଯେତେବେଳେ ମୁଁ ପାଠ ପଢୁଥିଲି ସେତେବେଳେ କଦାପି ଚିନ୍ତା କରି ନ ଥିଲି ଯେ ଦିନେ ମୁଁ ଆକ୍ଟିଂକୁ କ୍ୟାରିୟର କରିବି ବୋଲି। ଲ' ପଢ଼ିବା ବେଳେ ମୋର ଇଚ୍ଛା ଥିଲା ଭବିଷ୍ୟତରେ ଜଣେ କ୍ରିମିନାଲ ଲୟର୍ ହେବି। କିନ୍ତୁ ସେହି ଆଶା କେବଳ ଆଶାରେ ହିଁ ରହିଗଲା। ପରବର୍ତ୍ତୀ ସମୟରେ ମୋତେ ଅଭିନୟକୁ ଆପଣେଇ ନେବାକୁ ପଡିଥିଲା।' କରୀନାଙ୍କର ଅଭିନୟ ଜୀବନ ମଧ୍ୟ ବେଶ୍ ଉତଥାନ ପତନ ଦେଇ ଗତି କରିଛି। ଏଭଳି ଦିନ ବି ଆସିଥିଲା ଯେତେବେଳେ ସେ କେତୋଟି ଭଲ ଭଲ ଅଫର ହାତଛଡା କରିଥିଲେ। ସେହି ସୁପରହିଟ୍ ଫିଲ୍ମଗୁଡିକ ହେଲା-'କହୋ ନା ପ୍ୟାର ହୈ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'।


କରୀନା

ପ୍ରଥମ ରୋଜଗାର

# ଟ୍ୟୁଶନରୁ ହୋଇଥିଲା ମୋ ପ୍ରଥମ ରୋଜଗାର



ଲେଖିକା **ଡା. ସୁରଭି ଭଞ୍ଜ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀରେ ନିଜ ଘର। ପୁରୀ ପୋଲିସ୍ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଏସ୍.ସି.ଏସ୍ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଲି। ଏହି ସମୟରେ ମୁଁ ୫ଟି ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କଲି କେବଳ ନିଜର ପଢ଼ା ଅଭ୍ୟାସକୁ ଜାରି ରଖିବାକୁ। ମାସେ ପରେ ସେମାନଙ୍କ ଅଭିଭାବକମାନେ ଟ୍ୟୁଶନ ଫି ବାବଦେ ଜଣକୁ ୨୦୦ ଟଙ୍କା ହିସାବରେ ମୋତେ ୧୦୦୦ଟଙ୍କା ଦେଲେ। ମାସକର ପରିଶ୍ରମର ଫଳ ଏହି ୧୦୦୦ଟଙ୍କାଟି ମୋତେ ସେଦିନ ଅପୂର୍ବ ଆନନ୍ଦ ଦେଇଥିଲା। ଘରକୁ ଯାଇ ପ୍ରଥମେ ୫୦୦ଟଙ୍କା ବୀରଗୋବିନ୍ଦପୁର ମା' ଦକ୍ଷିଣକାଳୀଙ୍କ ଉଦ୍ଦେଶ୍ୟରେ ଠାକୁର ଘରେ ରଖି ବାକି ୫୦୦ଟଙ୍କାକୁ ବାପାଙ୍କ ହାତରେ ଦେଇ କହିଥିଲି, 'ବାପା ଆଜିଯାଏଁ ଆପଣ ମୋତେ ସବୁକିଛି ଦେଇଛନ୍ତି, ଏଇଟା ମୋ ଜୀବନର ପ୍ରଥମ ରୋଜଗାର, ଯାକୁ ଆପଣଙ୍କର ଯେମିତି ଇଚ୍ଛା ସେମିତି ଖର୍ଚ୍ଚ କରିବେ।' ବାପା ମନା କରୁଥିଲେ, କିନ୍ତୁ ମୋ ଖୁସି ଦେଖି ବାଧ ହୋଇ ରଖିଲେ। ଆଉ ପରେ ସେହି ଟଙ୍କାରେ ଆମ ସମସ୍ତଙ୍କ ପାଇଁ ସେ ମିଠା କିଣି ନେଇଆସିଥିଲେ। ତେବେ ଏହି ଟ୍ୟୁଶନ ମୁଁ ଯୁକ୍ତ ଦୁଇ ପଢ଼ା ସରିବା ପର୍ଯ୍ୟନ୍ତ କଲି, ତା'ପରେ ବ୍ରହ୍ମପୁର ଯାଇ ହୋମିଓପାଥି ପଢ଼ିଲି। ହୋମିଓପାଥି ପଢ଼ା ସରିବା ପରେ ପୁରୀର ଜଣେ ପ୍ରଖ୍ୟାତ ହୋମିଓପାଥି ଡାକ୍ତର ଅଶୋକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କିଛି ଦିନ ପ୍ରାକ୍ଟିସ୍ କଲି। ତା'ପରେ ମୋର ବାହାଘର ହୋଇଗଲା। ଶାଶୁଘର ଖୋର୍ଦ୍ଧାରେ ଥିଲା। ଶ୍ୱଶୁରଙ୍କ ଦେହ ଭଲ ରହୁ ନଥିବାରୁ ଚାକିରିର ଅଫର୍ ଆସିଲେ ବି ମୁଁ ଚାକିରି କରିବାକୁ ଗଲି ନାହିଁ। ଏହାଦେଖି ଶ୍ୱଶୁର ଘରେ ମୋ ପାଇଁ ଏକ ହୋମିଓପାଥି କ୍ଲିନିକ୍ ଖୋଲିଦେଲେ ଆଉ ତା'ର ସବୁ ଦାୟିତ୍ୱ ମୋତେ ଦେଇଦେଲେ। ତା'ସହିତ ଶ୍ୱଶୁର ମୋତେ ଗୋଟେ କଥା କହିଥିଲେ, 'ମାସେ ପର୍ଯ୍ୟନ୍ତ ମାଗଣାରେ ରୋଗୀ ଚିକିତ୍ସା କରିବୁ। ଗରିବଗୁରୁବା ତଥା ଅପରିଷ୍କାର ହୋଇ ଆସୁଥିବା ରୋଗୀଙ୍କୁ ତୁ ଯଦି ଷ୍ଟେଥୋ ପକାଇ ସେମାନଙ୍କର ଚିକିତ୍ସା ଭଲ ଭାବରେ କରିପାରିବୁ, ତା'ହେଲେ ତୁ ଜଣେ ଭଲ ଡାକ୍ତରାଣୀ ହୋଇପାରିବୁ ବୋଲି ମୁଁ ଜାଣିବି'। ଶ୍ୱଶୁରଙ୍କ କଥାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରି ତାଙ୍କ କଥାକୁ ଯଥେଷ୍ଟ ସମ୍ମାନ ଦେଇଥିବାରୁ ସେ ମୋ ଉପରେ ବହୁତ ଖୁସି ହୋଇଥିଲେ ଆଉ ମୋର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୋତେ ଅନେକ ଆଶୀର୍ବାଦ ବି କରିଥିଲେ। ତାଙ୍କରି ଆଶୀର୍ବାଦ ଯୋଗୁ ଖୁବ୍ କମ୍ ଦିନରେ ଆଖପାଖ ଅଞ୍ଚଳରେ ମୋର ବେଶ୍ ପରିଚିତି ବଢ଼ିଗଲା। କ୍ରମେ ମୋ ପାଖକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିବାରୁ ପରେ ଘରେ ଥିବା ଏହି କ୍ଲିନିକ୍‌କୁ ଆମେ ଖୋର୍ଦ୍ଧା ପିତାପାଲ୍ଲୀକୁ ନେଇଯାଇଥିଲୁ; ଯେଉଁଠାରେ ପ୍ରତିଦିନ ମୁଁ ଖୁସିରେ ରୋଗୀସେବା କରୁଛି। ଏ ତ ଥିଲା ମୋ କର୍ମମୟ ଜୀବନ କଥା। ଏହାବାଦ୍ ଗପ, କବିତା, କାବ୍ୟ, ଗୀତି କବିତା ଲେଖିବାରେ ବି ମୋର ବିଶେଷ ରୁଚି ରହିଛି। ଏ କ୍ଷେତ୍ରରେ ବଡ଼ ଭାଇ ସଞ୍ଜୟ ଭଞ୍ଜ ହେଉଛନ୍ତି ମୋର ପ୍ରେରଣା। ସେ ମୋର ଲେଖାକୁ ପତ୍ରପତ୍ରିକାରେ ପ୍ରକାଶ କରିବାରେ ଅନେକ ସାହାଯ୍ୟ କରିଥିଲେ। ଗପ, କବିତା ବ୍ୟତିତ ମୁଁ ଅନେକ ଭଜନ, ଆଧୁନିକ ଗୀତ ବି ଲେଖିଛି। ମୋ ଲିଖିତ ଅନେକ ଗୀତକୁ ଓଡ଼ିଶାର ବହୁ ଲୋକପ୍ରିୟ କଣ୍ଠଶିଳ୍ପୀମାନେ ବି ଗାଇଛନ୍ତି; ଯାହାକୁ ଶ୍ରୋତା ବି ଖୁବ୍ ପ୍ରଶଂସା କରିଛନ୍ତି। ଯେମିତିକି: ତ୍ରାହି ମାମ୍...କୁ ଚରଣ ମହାନ୍ତି, କାହ୍ନୁ ବଇଁଶୀ ବଜାଏ ଲୋ...କୁ ଅସୀମା ପଣ୍ଡା, ଲେଖୁଛି ଚିଠିରେ କିଛି କଥା ସ୍ମୃତି ଧାରେ... ହ୍ୟୁମାନ ସାଗର, ମନକଥା ଥରେ କହି ଦେଲା ପରେ...ସ୍ୱୟଂ ପାଢ଼ୀ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ମୋ ଲିଖିତ 'କାହ୍ନୁ ବଇଁଶୀ ବଜାଏ ଲୋ' ଗୀତକୁ ଗାନ୍ଧର୍ବ କଳା ପରିଷଦ ତରଫରୁ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିବାରୁ ଏହା ମୋ ପାଇଁ ଏକ ଗର୍ବର କଥା। **-ଅମ୍ବିତା**

# ମନରେ ଲାଗିଲେ ପ୍ରେମର ଡେଣା, ଘଡ଼ିକେ କରଇ ବାଟ ବଣା

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ତା'ପରେ ମୋ ମନ କୁତୁକୁତୁ ଲାଗୁଛି। ଏପରି ଲାଗୁଛି ଯେ ସତେଯେମିତି ମୁଁ ତା' ପ୍ରେମରେ ପଡ଼ିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*-ଅମନ, ବାଲେଶ୍ୱର*

**ଉତ୍ତର :** ମନରେ ଯେତେବେଳେ ପ୍ରେମର ଲହଡ଼ି ଆସେ ସେତେବେଳେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। କାରଣ ଏହି ନିଶା ଥରେ ଘାରିଲେ ତାହା ସହଜରେ ତଳ ମୁହାଁ ହୋଇ ନ ଥାଏ। କାରଣ 'ମନରେ ଲାଗିଲେ ପ୍ରେମର ଡେଣା, ଘଡ଼ିକେ କରଇ ବାଟ ବଣା'। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ପାଦ ପକାଇବାକୁ ହୋଇଥାଏ। ନ ହେଲେ ମନ ଆପଣଙ୍କୁ ଏପରି ରାସ୍ତାରେ ନେଇଯାଏ, ଯାହାଠାରୁ ପ୍ରେମ ଅନେକ ଦୂରରେ ରହିଯାଏ। ତେଣୁ ତରବର ନ ହୋଇ ଦେଖିଚାହିଁ ଆଗାନ୍ତୁ। ଯଦି ସେ ସୁନ୍ଦରୀ ପ୍ରେମରେ ବାଇଆ ହୋଇଛନ୍ତି ସତ, ହେଲେ ତାହାର ଠିକଣା ଜାଣିଛନ୍ତି କି ? ଯଦି ହଁ, ତେବେ ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେ, ଯେମିତି ଏକାଥରେ ସେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି ?

**ପ୍ରଶ୍ନ**-ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ?

*-ଦୀପକ ରାଉତ୍, ରାଉରକେଲା*

**ଉତ୍ତର :** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ। କାରଣ 'ଲାଜୁଆ ଆଖିର ଭିତିରି କଥା ଘଡ଼ିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡ଼ିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ




ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**-ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ୟା ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*-ପ୍ରମୋଦ ସାହୁ, କେନ୍ଦ୍ରାପଡ଼ା*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ହେଲେ ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମ ଧୀରେ ଧୀରେ ମଉଳି ଗଲାଣି। ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକ୍‌ସେସ୍ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରେ ବାଡ଼ି ବୁଲାଇବା ପରି ହେବ।

**ପ୍ରଶ୍ନ**-ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*-ସୁମନ, କଟକ*

**ଉତ୍ତର :** କାହା ବୁଦ୍ଧିରେ ପଡ଼ି ପ୍ରେମ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡ଼ି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

# ସେଲିବ୍ରିଟିଙ୍କ ଭୟ



**ବଡ଼ ପରଦାରେ ବଲିଉଡ଼୍‌ର ବଡ଼ ବଡ଼ ଷ୍ଟାରଙ୍କ ଆକ୍ସନ ଓ ଷ୍ଟଣ୍ଟ ଦେଖି ଲାଗେ ଏମାନେ ଜଣେ ଜଣେ ସୁପର୍ ହିରୋ। ତାଙ୍କ ମନରେ ନ ଥିବ ଟିକେ ବି ଡ଼ର କି ଭୟ। କିନ୍ତୁ ପ୍ରକୃତରେ ସେମାନେ ବି ଜଣେ ଜଣେ ସାଧାରଣ ମଣିଷ। ଆଉ ତାଙ୍କ ଭିତରେ ବି ଥାଏ କିଛି ଜିନିଷ ପ୍ରତି ଭୟ। ତେବେ କେଉଁ ଷ୍ଟାର କାହାକୁ ଡରନ୍ତି ଜାଣନ୍ତୁ ସେ ସମ୍ପର୍କରେ..**



**ଅର୍ଜୁନ କପୁର:** ଦେଖିବାକୁ ଭାରି ଡେୟାରିଂ ଲାଗନ୍ତି ଅର୍ଜୁନ କପୁର। ହେଲେ ଜାଣନ୍ତିକି ସେ ଗୋଟିଏ ଜିନିଷକୁ ଭାରି ଡ଼ରନ୍ତି। ତାହା ହେଉଛି ସିଲିଂ ଫ୍ୟାନ୍। ତାଙ୍କର ସବୁବେଳେ ଭୟ ଥାଏ ସିଲିଂ ଫ୍ୟାନ୍ କାଳେ ତାଙ୍କ ଉପରେ ପଡ଼ିଯିବ। ତେଣୁ ସେ କେବେ ବି ଫ୍ୟାନ ତଳେ ଶୁଅନ୍ତି ନାହିଁ। ଏମିତିକି ସେ ନିଜ ଘରେ ସିଲିଂ ଫ୍ୟାନ୍ ଲଗାଇ ନାହାନ୍ତି।

**ଅଜୟ ଦେବଗନ:** ହାତରେ ଖାଦ୍ୟ ଖାଇବା ହେଉଛି ଭାରତୀୟ ପରମ୍ପରା। ସେଥିପାଇଁ ପ୍ରାୟ ସବୁ ଭାରତୀୟ ହାତରେ ଖାଇଥାନ୍ତି। ହେଲେ ସୁପରଷ୍ଟାର ଅଜୟ ଦେବଗନ କିନ୍ତୁ ହାତରେ ଖାଇବାକୁ ଭାରି ଡ଼ରନ୍ତି। କାରଣ ଜର୍ମକୁ ତାଙ୍କର ଭାରି ଭୟ। ଯେତେ ହାତ ଧୋଇଲେ ବି ହାତରେ ଜର୍ମ ଥିବ ଭାବି ସେ ଆଦୌ ହାତରେ ଖାଦ୍ୟ ଖାଆନ୍ତି ନାହିଁ। ସବୁବେଳେ ଚାମଚ, ଫର୍କ ଓ ଛୁରୀ ବ୍ୟବହାର କରନ୍ତି। ଏମତିକି ରୁଟି ବି ସେ ହାତରେ ଖାଆନ୍ତି ନାହିଁ।

**ଅଭିଷେକ ବଚ୍ଚନ:** ଫଳ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ଯଦିଓ ସବୁ ଫଳ ସମସ୍ତଙ୍କୁ ଭଲ ଲାଗି ନ ଥାଏ। ହେଲେ ପ୍ରତିଦିନର ଖାଦ୍ୟରେ ସମସ୍ତେ କିଛି ନା କିଛି ଫଳକୁ ସାମିଲ କରନ୍ତି। ତେବେ ଜାଣନ୍ତି କି ଜୁନିୟର ବଚ୍ଚନ ଅର୍ଥାତ୍ ଅଭିଷେକଙ୍କୁ ଫଳ ନା ଶୁଣିଲେ ଡର ଲାଗେ। ସେଥିପାଇଁ ସେ ଫଳ ଆଦୌ ଖାଆନ୍ତି ନାହିଁ। ଭାବୁଥିବେ ମା' ଜୟା ବୋଧେ ଅଭିଷେକଙ୍କୁ ପିଲାଦିନେ ଜବରଦସ୍ତି ଅଧିକ ଫଳ ଖୁଆଉଥିବେ। ସେଥିପାଇଁ ତାଙ୍କର ଫଳକୁ ଭୟ ହେଇଯାଇଛି। ହେଲେ ସେମିତି କିଛି ନୁହେଁ। ତାଙ୍କର ଏହି ଫଳ ଭୟକୁ ସାଇବୋ ଫୋବିଆ କୁହାଯାଏ।

**ରଣବୀର କପୁର:** ଚକୋଲେଟ୍ ହୀରୋ ରଣବୀର କପୁରଙ୍କୁ ବି ଭୟ ଲାଗେ। ସେପୁଣି କାହାକୁ ଜାଣନ୍ତି? ସାଧାରଣତଃ ଝିଅମାନେ ଯାହାକୁ ଡ଼ରନ୍ତି ତାକୁ ସେ ଡରନ୍ତି। ଅର୍ଥାତ୍ ଅସରପା। ଘରେ ଅସରପାଟିଏ ଦେଖିଦେଲେ ଆଉ କି ସେ ଘରେ ଦେଖାଯାଆନ୍ତି। ଡେଇଁକି ପଳାନ୍ତି। ଅସରପା ଛଡା ସେ ବୁଢିଆଣୀକୁ ବି ଖୁବ୍ ଭୟ କରନ୍ତି।

**କ୍ୟାଟ୍ରିନା କୈଫ:** ଗରଜିୟସ୍ ଆକ୍ଟ୍ରେସ୍ କ୍ରାଟ୍ରିନାଙ୍କ ଗାଲ ଟମାଟୋ ପରି ଲାଲ ହୋଇପାରେ। ହେଲେ ସେ କିନ୍ତୁ ଡରନ୍ତି ଟମାଟୋକୁ। ଭାବୁଥିବେ ଟମାଟୋକୁ ବା କି ଭୟ? ହେଲେ ଏହା ସତ ଯେ, ସୁନ୍ଦରୀ କ୍ୟାଟ୍ରିନା ଟମାଟୋକୁ ବହୁତ ଡରନ୍ତି। ସେଥିପାଇଁ ତ ସେ ଏକ ଟମାଟୋ କ୍ୟାଚଅପ୍‌ର ବିଜ୍ଞାପନ କରିବାକୁ ମନା କରି ଦେଇଥିଲେ। ଭାବୁଥିବେ କ୍ୟାଟ୍ରିନାଙ୍କୁ ତ 'ଜିନ୍ଦଗୀ ନା ମିଲେ ଦୋବାରା' ଚଳଚ୍ଚିତ୍ରରେ ଟମାଟୋ ଫାଇଟ୍ କରୁଥିବା ଦେଖିବାକୁ ମିଳିଥିଲା। ହେଲେ କେହି ଜାଣନ୍ତି ନାହିଁ ସେହି ସିନ୍ ସୁଟ୍ କରିବା କ୍ୟାଟ୍ରିନାଙ୍କ ପାଇଁ କେତେ କଷ୍ଟକର ଥିଲା। ଟମାଟୋ ବ୍ୟତିତ ସେ ଉଚ୍ଚତାକୁ ବି ଡରନ୍ତି।

**ବିପାସା ବସୁ:** ବିପାସାଙ୍କୁ ବଲିଉଡ୍ ହରର୍ ଫିଲ୍ମର କୁଇନ୍ କହିଲେ ଭୁଲ ହେବ ନାହିଁ। କାରଣ ସେ ଅନେକ ହରର୍ ମୁଭି କରି ଲୋକଙ୍କୁ ଡରାଇଛନ୍ତି। ସେଥିପାଇଁ ସମସ୍ତଙ୍କ ମନରେ ଧାରଣା ଥିବ ଯେ, ବିପାସା ଖୁବ୍ ନିର୍ଭୀକ ଥିବେ। ହେଲେ ସେ ବି ଡରନ୍ତି। ତେବେ କୌଣସି ଜିନିଷ, କୀଟପତଙ୍ଗ ଅବା ପ୍ରାଣୀଙ୍କୁ ସେ ଡ଼ରନ୍ତି ନାହିଁ। ବରଂ ଡ଼ରନ୍ତି ନିଜ ହସକୁ। ବୋଧହୁଏ ହରର୍ ମୁଭିରେ କାମ କରିକରି ନିଜ ହସ ବି ତାଙ୍କୁ ଭୁତିଆ ହସ ପରି ଲାଗୁଛି।

**ସୋନମ କପୁର:** ଷ୍ଟାଇଲିଶ ସୋନମ୍‌ଙ୍କୁ ଏଲିଭେଟର୍‌ରେ ଯିବାକୁ ଡର ଲାଗେ। ସୋନମଙ୍କର ଏହାକୁ ନେଇ ଏତେ ଭୟ ଯେ, ଥରେ ଏଲିଭେଟର୍‌ରେ ହେଉଥିବା ଏକ ସିନ୍‌ର ସୁଟ୍ ପାଇଁ ତାଙ୍କୁ ୫ ଘଣ୍ଟା ଲାଗିଥିଲା।









**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରିୟଙ୍କା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଦେଖି ନେବି

ସ୍ତ୍ରୀ ସିରିଏଲ ଦେଖୁଥିବାବେଳେ ସ୍ୱାମୀ: ରିମୋଟ୍ ଦେଲ ମୁଁ କ୍ରିକେଟ୍ ମ୍ୟାଚ୍ ଦେଖିବି।
ସ୍ତ୍ରୀ: ମୁଁ ଦେଇପାରିବିନି।
ସ୍ୱାମୀ(ରାଗିକି): କ'ଣ ? ଦେଖି ନେବି।
ସ୍ତ୍ରୀ ରାଗିକି: କ'ଣ ଦେଖିନେବ ?
ସ୍ୱାମୀ: ଯାହା ତମେ ଦେଖୁଛ ସେଇୟା ।

### ପୁରା ଦରମା

ସ୍ୱାମୀ ସ୍ତ୍ରୀ ଛାଡପତ୍ର ନେବାପରେ ଭରଣ ପୋଷଣ ପାଇଁ ଜଜ୍ ସ୍ତ୍ରୀକୁ ସ୍ୱାମୀ ତା' ଦରମାର ଅଧା ଟଙ୍କା ଦେବାର ରାୟ ଶୁଣାଇଲେ। ଏହା ଶୁଣିବା ପରେ ସ୍ୱାମୀ ହସି ହସି ବେଦମ୍ ହେଇଗଲା।
ଏହା ଦେଖି ଜଜ୍: ଅଧା ଦରମା ଦେବାକୁ ହେବ। ଏଥିରେ ପୁଣି ଏତେ ଖୁସି ହେବାର କ'ଣ ଅଛି ?
ସ୍ୱାମୀ: ଆଜ୍ଞା, ଆଗରୁ ପରା ସେ ମୋର ପୁରା ଦରମା ରଖି ନେଉଥିଲା।

### ପ୍ରଥମ ଓ ଶେଷ


ଯୁବକ କାର୍ଡ ଦୋକାନୀଙ୍କୁ: ଭାଇ ଆପଣଙ୍କ ପାଖରେ ଏମିତି କାର୍ଡ ଅଛି କି, ଯେଉଁଥିରେ ଲେଖାଥିବ- 'ତମେ ମୋର ପ୍ରଥମ ଓ ଶେଷ ପ୍ରେମ ରହିବ'।
ଦୋକାନୀ: ହଁ, ଅଛି।
ଯୁବକ ଖୁସି ହେଇ: ଠିକ୍ ଅଛି। ତା'ହେଲେ ସେଇ କାର୍ଡରୁ ଆପଣ ମତେ ୧୦ଟା ଦିଅନ୍ତୁ।













## ମନୋରମ ପର୍ଯ୍ୟଟନସ୍ଥଳୀ

# କୁର୍ସିୟାଙ୍ଗ

**ପଶ୍ଚିମବଙ୍ଗସ୍ଥିତ ଏକ ଛୋଟ ଆକର୍ଷଣୀୟ ସହର ହେଉଛି କୁର୍ସିୟାଙ୍ଗ ; ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନୋରମ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ବି ଏହା ଖୁବ୍ ସମୃଦ୍ଧ। କାରଣ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ପାହାଡ, ଜଙ୍ଗଲ, ଉପତ୍ୟାକା ତଥା ଅନେକ ଆଧ୍ୟାତ୍ମିକ ପୀଠ।**

କୁର୍ସିୟାଙ୍ଗ ହେଉଛି ପଶ୍ଚିମବଙ୍ଗସ୍ଥିତ ଏକ ଆକର୍ଷଣୀୟ ତଥା ମନୋରମ ସହର। ଏଠାରେ ରହିଛି ଏକାଧିକ ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ଜଙ୍ଗଲ ପରିବେଷ୍ଟିତ ପାହାଡର ଅପୂର୍ବ ଦୃଶ୍ୟ ବେଶ୍ ଆଖିଦୃର୍ଶୀୟା ହୋଇଥାଏ। ଏହାଛଡ଼ା ଏଠାରେ ବି ଦେଖିବାକୁ ମିଳେ ଅନେକ ଆଧ୍ୟାତ୍ମିକ ପୀଠ। କେବଳ ପର୍ଯ୍ୟଟନ ଦୃଷ୍ଟି କୋଣରୁ ନୁହେଁ ଏଠାକାର ସଂସ୍କୃତି ଓ କଳା ମଧ୍ୟ ବେଶ୍ ସମୃଦ୍ଧ ଆଉ ହୃଦୟସ୍ପର୍ଶୀ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ଏଠାରେ ପର୍ଯ୍ୟଟକ ଅମ୍ବୋଟିଆ ଶିବ ମନ୍ଦିର, ଗିଦ୍ଧା ପହାର୍ ସୀତା ରାମ ମନ୍ଦିର, ଗିଦ୍ଧା ପହାର୍ ଦୁର୍ଗା ମାତା ମନ୍ଦିର, ଜଗଦିଶ୍ ମନ୍ଦିର, ଶ୍ରୀ ଶ୍ୟାମ ମନ୍ଦିର, ସାତ କନ୍ୟା ଦେବୀ ମନ୍ଦିର ପରି ଏକାଧିକ ଆଧ୍ୟାତ୍ମିକ ପୀଠ ଦେଖିବାର ସୁଯୋଗ ପାଇପାରିବେ। ତା'ସହିତ ସେଣ୍ଟ ପର୍ଲ ଚର୍ଚ୍ଚ, ବୁଦ୍ଧିଷ୍ଟ ଗୋମ୍ପା, କୁନ୍‌ସାଙ୍ଗ ଚୋଏଲିଂ ମଠ, ଜୁମା ମସ୍‌ଜିଦ୍, ଗ୍ରୋଟୋ ଆଣ୍ଡ କାଥଲିକ୍ ଚର୍ଚ୍ଚ ଇତ୍ୟାଦି ହେଉଛି ଏଠାକାର ଅନ୍ୟତମ ଆକର୍ଷଣ। କେବଳ ସେତିକି ନୁହେଁ ଏହି ଛୋଟ ସହରରେ ବି ରହିଛି ଏକ ରକ୍ ଗାର୍ଡେନ, ଡିୟର୍ ପାର୍କ, ଇଗଲ୍ସ କ୍ରେଗ୍ ନାମକ ଏକ ଭ୍ୟୁ ପଏଣ୍ଟ ତଥା କେଟେଲ୍ ନାମକ ଏକ ଉପତ୍ୟାକା। ଆକର୍ଷଣୀୟ ପରିପାଟିରେ ଆଗନ୍ତୁକଙ୍କୁ ସ୍ୱାଗତ କରିବାକୁ କୁର୍ସିୟାଙ୍ଗରେ ଆହୁରି ଅନେକ ଛୋଟବଡ଼ ପର୍ଯ୍ୟଟନସ୍ଥଳୀ ବି ରହିଛି । ଏଠାରେ ଏକ ଆକର୍ଷଣୀୟ ହ୍ରଦ ବି ଅଛି ; ଯେଉଁଠାରେ ପର୍ଯ୍ୟଟକ ବଣଭୋଜିର ଭରପୂର ମଜା ନେଇପାରିବେ। କେବଳ ସେତିକି ନୁହେଁ, ଏହି ସହରରେ ପର୍ଯ୍ୟଟକ ଅନେକ ଜଙ୍ଗଲ ପରିବେଷ୍ଟିତ ପାହାଡ ଦେଖିବାର ମଜା ବି ଉଠାଇପାରିବେ।

### ଟ୍ରେକିଂ ପାଇଁ ବି ପ୍ରସିଦ୍ଧ

ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ଟ୍ରେକିଂ ପାଇଁ ବି ରହିଛି ବେଶ୍ ସୁବିଧା ସୁଯୋଗ। ଖାସ୍ ସେଥିପାଇଁ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ ଭିଡ଼ ଜମିଥାଏ।

### ଇକୋ-ଟୁରିଜିମ୍‌ରେ ବି ନାଁ ରହିଛି

ଇକୋ-ଟୁରିଜିମ୍ କ୍ଷେତ୍ରରେ ବି କୁର୍ସିୟାଙ୍ଗର ରହିଛି ବେଶ୍ ନାଁ ଆଉ ଖ୍ୟାତି। ପାହାଡ, ପର୍ବତ ଘେରା ଏହି ଅଞ୍ଚଳର ଲୋକମାନେ ପରିଷ୍କାର, ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି।

### କେବେ ଓ କେମିତି ଯିବେ

କୁର୍ସିୟାଙ୍ଗକୁ ବର୍ଷକ ବାରମାସ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ସେପ୍ଟେମ୍ବରୁ ଏପ୍ରିଲ୍ ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଭଲ ସମୟ। ସେହିପରି ଏଠାକୁ ଯିବା ସକାଶେ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଟୁରିଷ୍ଟ ବସ୍ ହେଉ ଅବା ନିଜସ୍ୱ ଗାଡିରେ ମଧ୍ୟ ଆରାମରେ ଯାଇ ଏଠାରେ ପହଁଞ୍ଚିପାରିବେ।





# ଅନ୍ତରୀକ୍ଷ ଅନ୍ଧକାରମୟ କାହିଁକି



**ସୂର୍ଯ୍ୟ କେବଳ ପୃଥିବୀକୁ ନୁହେଁ ପୁରା ସୌରମଣ୍ଡଳକୁ ଆଲୋକ ପ୍ରଦାନ କରିଥାଏ। ତେବେ ଅନ୍ତରୀକ୍ଷ କଳା ବା ଅନ୍ଧକାରମୟ କାହିଁକି ଦେଖାଯାଏ। ଏହାର କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...**

ଅନ୍ତରୀକ୍ଷ ଅନ୍ଧକାରମୟ କ'ଣ ପାଇଁ ତା'ର ଉତ୍ତର ଆମର ଦେଖିବା ପ୍ରକ୍ରିୟା ସହ ଜଡ଼ିତ। ପ୍ରକୃତ କଥା ହେଲା ଆମେ ଆଲୋକକୁ ସେତେବେଳ ପର୍ଯ୍ୟନ୍ତ ଦେଖିପାରି ନ ଥାଉ ଯେପର୍ଯ୍ୟନ୍ତ ଆମ ଆଖି ତାକୁ ଅବଶୋଷିତ ନ କରିଥାଏ। ଅର୍ଥାତ୍ କୌଣସି ଜିନିଷ ଆମକୁ ସେତେବେଳେ ଦେଖାଯାଏ ଯେବେ ପ୍ରକାଶ ତା'ସହ ବାଧାପ୍ରାପ୍ତ ହୋଇ ଆମ ଆଖି ପର୍ଯ୍ୟନ୍ତ ପହଞ୍ଚେ। ଆମେ ସେଇ ପ୍ରକାଶକୁ ଦେଖିପାରୁ ଯାହା ଆମ ଆଖି ପର୍ଯ୍ୟନ୍ତ ପହଞ୍ଚିଥାଏ। ଉଦାହରଣସ୍ୱରୂପ ଯେତେବେଳେ ଅନ୍ଧାର ଘରେ ଟର୍ଚ୍ଚ ମରାଯାଏ ତାର ପ୍ରକାଶ ସିଧା ସଳଖ ଆମ ଆଖିକୁ ପହଞ୍ଚି ନ ଥାଏ। ବରଂ ଟର୍ଚ୍ଚ ଆଲୋକ ଯେଉଁ ଦିଗରେ ଯାଇଛି ସେହି ଦିଗର ଧୂଳିକଣା ସହ ତାହା ବାଧାପ୍ରାପ୍ତ ହୋଇ ପ୍ରତିବିମ୍ବିତ ହୁଏ ଓ ସେହି ପ୍ରତିବିମ୍ବିତ ଆଲୋକ ଆମ ଆଖି ପର୍ଯ୍ୟନ୍ତ ପହଞ୍ଚେ। ଆଉ ଆମେ ଜାଣିପାରୁ ଯେ, ଟର୍ଚ୍ଚ ଜଳି ଆଲୋକିତ ହେଉଛି। ଆମ ପୃଥିବୀର ବି ବାୟୁମଣ୍ଡଳ ଅଛି। ସୂର୍ଯ୍ୟଙ୍କ ପ୍ରକାଶ ବାୟୁମଣ୍ଡଳର କଣିକାରେ ବାଡେଇ ହୋଇ ଆମକୁ ଚାରିଆଡ ଆଲୋକିତ ହେବାର ଅନୁଭବ ଦିଏ। ଅର୍ଥାତ୍ କୋଠରୀରେ ଯଦି ଧୂଳିକଣା ଅବା ବାୟୁ କଣିକା ନ ଥାଆନ୍ତା ତେବେ କେବଳ କାନ୍ଥରେ ବାଜି ଫେରୁଥିବା ଟର୍ଚ୍ଚର ଆଲୋକ ଦେଖାଯାଇଥାନ୍ତା। ଆଉ ଯଦି କାନ୍ଥ ବି ନ ଥାନ୍ତା ତେବେ ଆଖି ପର୍ଯ୍ୟନ୍ତ ପ୍ରତିବିମ୍ବିତ ଆଲୋକ ପହଞ୍ଚି ନ ଥାଆନ୍ତା। ଆଉ ଆମକୁ କିଛି ଦେଖାଯାଇ ନ ଥାଆନ୍ତା। ଠିକ ଏମିତି କିଛି ଘଟେ ଅନ୍ତରୀକ୍ଷରେ। ଅନ୍ତରୀକ୍ଷରେ ଆମେ ଯେବେ ସୂର୍ଯ୍ୟଙ୍କ ସହ ଆଖପାଖର ଅନ୍ତରୀକ୍ଷକୁ ଦେଖିବାକୁ ପ୍ରୟାସ କରୁ ଆମକୁ କିଛି ଦେଖା ଯାଇ ନ ଥାଏ ଓ ଅନ୍ତରୀକ୍ଷ ଅନ୍ଧକାରମୟ ଦେଖାଯାଏ।

ଏଠାରେ ଆମକୁ ଏହା ବି ବୁଝିବାକୁ ହେବ ଯେ, ଯଦି ଆମକୁ କିଛି ଦେଖା ଯାଉ ନାହିଁ ତେବେ ଆମ ମସ୍ତିସ୍କ ତାକୁ ଅନ୍ଧାରଭରା ବୋଲି ଭାବି ନିଏ। ଅନ୍ତରୀକ୍ଷ ହେଉଛି ଏମିତି ଏକ କୋଠରୀ ସଦୃଶ ଯାହାର ନା କାନ୍ଥ ଅଛି ନା ପଦାର୍ଥର କୌଣସି କଣିକା ଅଛି। ଯେଉଁ ପିଣ୍ଡ ଅଛି ତାହା ବହୁତ ଦୂରରେ ଅଛି। ଯେତେବେଳେ ଆମେ ଚନ୍ଦ୍ର କିମ୍ୱା ଅନ୍ୟ ଗ୍ରହକୁ ଦେଖୁ ସେତେବେଳେ ପ୍ରକୃତରେ ଆମେ ସେଠାରୁ ବାଧାପ୍ରାପ୍ତ ହୋଇ ଫେରୁଥିବା ସୂର୍ଯ୍ୟଙ୍କ କିରଣକୁ ଦେଖୁ। ତେବେ ଅନ୍ତରୀକ୍ଷ ଓ ଚନ୍ଦ୍ରରେ କୌଣସି ବାୟୁମଣ୍ଡଳ ନାହିଁ, ତେଣୁ ଆଲୋକ ବାଧାପ୍ରାପ୍ତ ହୋଇ ବିଚ୍ଛୁରିତ ହୁଏ ନାହିଁ। ଆଉ ତାହା ଆମ ଆଖି ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ ଓ ଅନ୍ତରୀକ୍ଷ ଅନ୍ଧକାରମୟ ଦେଖାଯାଏ। ଏହାଛଡ଼ା ଦୂରରେ ଦେଖାଯାଉଥିବା ତାରା ଓ ଗାଲାକ୍ସି ଧୀରେ ଧୀରେ ଆମଠୁ ଦୂରେଇ ଯାଉଛନ୍ତି। କାରଣ ୟୁନିଭର୍ସର ବିସ୍ତାର ହେଉଛି। ଯଦି ଆମେ ଏକ ଅପରିବର୍ତ୍ତିତ ଓ ଏକ ସୀମିତ ବିଶ୍ୱ ଭିତରେ ରହୁଥାନ୍ତେ ତେବେ ଆକାଶ ସବୁ ସମୟରେ ଆଲୋକିତ ଦେଖାଯାଉଥାନ୍ତା।



# ନାକ ଭିତରେ ମେଟାଲ କଏଲ

ରେକର୍ଡ କରିବା ଲାଗି ବେଳେ ବେଳେ ଲୋକେ ଏମିତି ସବୁ କାମ କରନ୍ତି, ଯାହା ବେଶ୍ ଅବିଶ୍ୱସନୀୟ ଲାଗେ। ମଣିଷ ଯେ ଏଭଳି କରିପାରିବ ତାହା ଭାବି ହୁଏନା। ତଥାପି ଆଖି ଆଗରେ ଯେବେ ତାହାକୁ ସମ୍ଭବ କରି ଜଣେ ଦେଖାଇ ଦିଅନ୍ତି ଅବିଶ୍ୱାସ କରିବାର କିଛି ନ ଥାଏ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ଲସ୍ ଭେଗାସ୍‌ର ଆଣ୍ଡ୍ରୁ ଷ୍ଟାନଟନ୍। ସେ ତାଙ୍କ ନାକରେ କରି ଦେଖାନ୍ତି ଅଜବ କରତବ। ଅର୍ଥାତ୍ ନାକ ଭିତରେ ମେଟାଲର ଲମ୍ୱା ଲମ୍ୱା କଏଲ ପୁରାଇ ତାକୁ ପାଟି ବାଟ ଦେଇ ବାହାର କରିପାରନ୍ତି। ସେ ନାକ ମଧ୍ୟ ଦେଇ ପୁରାଇଥିବା ସବୁଠାରୁ ଲମ୍ୱା ମେଟାଲ କଏଲ ହେଉଛି ୧୧ ଫୁଟ ୧୦ ଇଞ୍ଚ ଲମ୍ୱର। ଆଉ ଏତେ ଲମ୍ୱା କଏଲ ପୁରାଇ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ତେବେ ନାକ ଭିତରେ ମେଟାଲ ତାରକୁ ପୁରାଇ ପାଟି ଦେଇ ବାହାର କରିବା ଏତେଟା ସହଜ ନୁହେଁ। ବହୁତ ଅଭ୍ୟାସ ପରେ ସେ ଏଥିରେ ପାରଙ୍ଗମ ହୋଇଛନ୍ତି।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# କର୍ମ ତୋହର ନିଜ ଗୁରୁ...

ଘର ଦ୍ୱାର, ପରିବାର ବା ସଂସାରର ମୋହ ମାୟା ତୁଟାଇ ଜଙ୍ଗଲରେ କିମ୍ବା ହିମାଳୟରେ ରହି ସାଧନା କଲେ ଯେ ଈଶ୍ୱର ମିଳିବେ ସେକଥା ନୁହେଁ, ତୁମେ ଯିଏ ଯେଉଁ ବୃତ୍ତିରେ ନିୟୋଜିତ ଅଛ, ସେଇ ବୃତ୍ତିକୁ ମନ ଲଗାଇ କର । ମନ ପ୍ରାଣ ଦେଇ ବୃତ୍ତିକୁ ଆହୁରି ଉନ୍ନତ କରିବା ପାଇଁ ଚିନ୍ତା କର। ଅନ୍ୟାୟ, ଅନୀତି, ଅନ୍ୟକୁ ଠକିବା ଆଦି କାର୍ଯ୍ୟରେ ଲିପ୍ତ ନ ରହି ସତ୍ ଉପାୟରେ ଧନ ଉପାର୍ଜନ କର। ଦେଖିବ, ତାହା ହିଁ ଧୀରେ ଧୀରେ ତୁମକୁ ସିଦ୍ଧି ଆଡ଼କୁ ବାଟ କଢ଼େଇ ନେବ । ଯଦି କେହି ଭାବୁଥାନ୍ତି ଧ୍ୟାନ ଧାରଣା ନ କରି, ଜପ ତପ ନ କରି କୌଣସି ମଠ ମନ୍ଦିର ଆଶ୍ରମକୁ ନ ଯାଇ, ତଥାକଥିତ କୌଣସି ଆଧ୍ୟାତ୍ମିକ ସାଧନା ନ କରି କେବଳ ସାଂସାରିକ କାର୍ଯ୍ୟକୁ ଠିକ୍ ଢଙ୍ଗରେ କଲେ ଈଶ୍ୱର ଯେ ମିଳିଯିବେ, ଏ କଥା କାହିଁକି ବିଶ୍ୱାସଯୋଗ୍ୟ ମନେହେଉନି ? ତ ସେଇ ବ୍ୟକ୍ତିମାନଙ୍କ ପାଇଁ ଆଜି ଏ ସତ୍ୟ ଘଟଣାଟି କହୁଛି । ଏହା ଅନ୍ୟ କେଉଁ ଯୁଗର କିମ୍ବା ପୌରାଣିକ କଥା ନୁହେଁ । ଆମରି ସମୟର କଥା । ଏଇ କଳିଯୁଗର କଥା ।

ତପସ୍ୱୀ ଜାଜଳି ମହାତ୍ମା ତୁଳାଧାରଙ୍କ ସିଦ୍ଧି ବିଷୟରେ ବହୁ ଲୋକଙ୍କଠାରୁ ଶୁଣିସାରିବା ପରେ ମନେ ମନେ ଭାବିଲେ ମୁଁ ଆଜି ପର୍ଯ୍ୟନ୍ତ କେତେ ପୂଜା ପାଠ, ପ୍ରାର୍ଥନା ଆଦି କାର୍ଯ୍ୟକ୍ରମ କଲିଣି । ବ୍ରହ୍ମଚାରୀ ଜୀବନ ବି ଅତିବାହିତ କରୁଛି । ୨୪ ଘଣ୍ଟାରୁ ୨୨ ଘଣ୍ଟା କେବଳ ଆଧ୍ୟାତ୍ମିକ ସାଧନାରେ ହିଁ ମୋର ସମୟ ବିତୁଛି । ଅଥଚ ମୋ ପାଖରେ କିଛି ସିଦ୍ଧି ନାହିଁ । ତୁଳାଧାରଙ୍କ ପରି ମୋର ପ୍ରଶଂସକ ବି କେହି ନାହାନ୍ତି । ଏହାର ରହସ୍ୟ ଭେଦକରିବାକୁ ଇଚ୍ଛା କରି ଜାଜଳି ତୁଳାଧାରଙ୍କ ନିକଟକୁ ଯିବା ପାଇଁ ମନସ୍ଥ କଲେ ।

ତୁଳାଧାର ଥିଲେ ବୈଶ୍ୟ । ତାଙ୍କର ଗୋଟିଏ ଦୋକାନ ଥିଲା । ଲୋକଙ୍କଠାରୁ ଠିକଣା ପଚାରି ବୁଝି ଜାଜଳି ତୁଳାଧାରଙ୍କ ପାଖରେ ପହଞ୍ଚିଲା ବେଳକୁ ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଥିଲା । ଅନ୍ୟ ଦୋକାନୀମାନଙ୍କ ପରି ତୁଳାଧାର ବି ବ୍ୟବସାୟରେ ବ୍ୟସ୍ତ ଥାନ୍ତି । ଇଏ ପୁଣି ସାଧୁ ! ପକ୍କା ବ୍ୟବସାୟୀ ପରି ଜଣାଯାଉଥିବା ଏ ଲୋକଟା ପୁଣି ସିଦ୍ଧି କେମିତି ପାଇଲା ? ଇଏ ବୋଧେ ରାତିରେ କିଛି ତନ୍ତ୍ର ମନ୍ତ୍ର ସାଧନ କରୁଥିବ । ଏୟା ଭାବି ତାଙ୍କ ଠେଇ ମନ ନ ମାନିବାରୁ ମୁହଁ ଫେରାଇ ଯିବାକୁ ବସିଥିବା ବେଳେ ହଠାତ୍ ପଛ ପଟୁ ଶୁଭିଲା – ଅପେକ୍ଷା କରନ୍ତୁ ମହାଶୟ । ମୋ ସାଧନା ବାବଦରେ ଜାଣିବା ପାଇଁ ଆସିଛନ୍ତି ପରା । ନ ଜାଣି ପଳାଉଛନ୍ତି କେମିତି ?

ସ୍ତବ୍ଧ ହୋଇଗଲେ ଜାଜଳି ! ପ୍ରଥମ ଦେଖା । ପରିଚୟ ବି ନାହିଁ । ମନର କଥାକୁ ବି ସେ ଜାଣି ପାରୁଛନ୍ତି । କେମିତି ? ପାଟିରୁ କଥା ବାହାରିଲା ନାହିଁ ଜାଜଳିଙ୍କର। ତହୁଁ ତୁଳାଧାର କହିଲେ – ଏ ଦୋକାନ ହେଉଛି ମୋର ମନ୍ଦିର ମଠ ସବୁକିଛି । ବ୍ୟବସାୟରେ କାହାକୁ ଠକେନି । ଅନୁଚିତ ଦାମ ନିଏନି । କୌଣସି ପ୍ରକାର ଭେଜାଲ ଦ୍ରବ୍ୟ ମୁଁ ବିକେନି । ଶାନ୍ତ ଓ ଦୁଷ୍ଟ – ଉଭୟ ପ୍ରକାର ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଦେଖାଏ । ଓଜନରେ କାହାକୁ ଠକେନି । ଗରିବଗୁରୁବାଙ୍କୁ ଯଥାସାଧ୍ୟ ସାହାଯ୍ୟ କରେ । ଦାନ ପୁଣ୍ୟ ବି କରେ । ଦୋକାନକୁ ଆସୁଥିବା ପ୍ରତ୍ୟେକ ଗ୍ରାହକଙ୍କୁ ମୁଁ ସାକ୍ଷାତ୍ ନରହରିଙ୍କ ରୂପ ବୋଲି ଭାବି ଅନ୍ତରରେ ପ୍ରଣାମ ନିବେଦନ କରେ । ମୁଁ ଭାବେ ସଚୋଟତାର ସହ ବ୍ୟବସାୟ କରି ତାହାରି ଭିତରେ ଐଶ୍ୱରିକ ଭାବନା ରଖିଲେ ପ୍ରଭୁ କୃପା ମିଳିବ, ଯାହାର ଉଦାହରଣ ମୁଁ ନିଜେ । ସଂସାରର ସବୁ ଲୋକ କ'ଣ ଘରଦ୍ୱାର ଛାଡି ବା ସମୟ ବାହାର କରି ସାଧନା କରିପାରିବେ ? ଆଦୌ ସମ୍ଭବ ନୁହେଁ । କର୍ମ ସହ ଈଶ୍ୱରଙ୍କୁ ଯୋଡି ଦେଲେ ପ୍ରତ୍ୟେକ କର୍ମରେ ହିଁ ସିଦ୍ଧିର ଫୁଲ ଫୁଟିବ। ମନେରଖ, ମୁଁ ଯାହା ସିଦ୍ଧି ପାଇଛି ଏଇ କର୍ମରୁ ହିଁ ପାଇଛି ।

ନିଜ ଆଖିରେ ପ୍ରଥମ ଥର ପାଇଁ ଏଭଳି ଏକ ଉଦାହରଣୀୟ ସାଧକ ଦେଖି ଜାଜଳି ତୁଳାଧାରଙ୍କ ପାଦତଳେ ଲୋଟିପଡିଲେ। ପାଠକେ! ପ୍ରଥମରୁ କହିଛି ଯେ ଉପରୋକ୍ତ କଥାଟି ଆଦୌ କାହାଣୀ ନୁହେଁ।



ସତ୍ୟ କଥା । ସକାଳୁ ରାତିରେ ଶୟନ କରିବା ପର୍ଯ୍ୟନ୍ତ ଆମେ ଯେଉଁ ଯେଉଁ କର୍ମ କରୁ ସେଇ ସେଇ କର୍ମ ସହିତ ଐଶ୍ୱରୀୟ ଚେତନାଟିକୁ ମଧ୍ୟ ସଂଯୁକ୍ତ କରି ରଖାଯାଇପାରେ । ଦେଖିବେ, ଏ ପ୍ରକାର କର୍ମର ଫଳ ବା ପରିଣତି ଅତି ଚମତ୍କାର ହେବ । ଆଉ ଗୋଟିଏ କଥା କହୁଛି। କର୍ମ କରିବା ସହିତ ସେଥିରେ ବିବେକ –ବୁଦ୍ଧିର ସମିଶ୍ରଣ ଘଟିଲେ କର୍ମ କରିବାର ଅଶେଷ ସୁଖ ମଧ୍ୟ କର୍ତ୍ତାକୁ ପ୍ରାପ୍ତ ହେବ । ଶୁଣନ୍ତୁ ନିମ୍ନ ପ୍ରସଙ୍ଗକୁ।

ପ୍ରଜାମାନଙ୍କ ସୁଖ ଦୁଃଖ ବୁଝିବା ପାଇଁ ରାଜା ବେଳେ ବେଳେ ଛଦ୍ମ ବେଶରେ ମାସେ କି ଦି ମାସେରେ ଥରେ ଏମିତି ରାଜ୍ୟ ବୁଲିବା ପାଇଁ ଯାଆନ୍ତି । ସେଦିନ ବି ଯାଇଥିଲେ । କିନ୍ତୁ ଅସୁବିଧାଟି ହେଲା ସନ୍ଧ୍ୟା ହୋଇଯିବାରୁ ରାଜନଅରକୁ ଫେରିବା ପାଇଁ ଆଉ ସମୟ ହେଲା ନାହିଁ । ଜନପଦରେ ନ ରହି ସେଇ ଛଦ୍ମ ବେଶରେ ସେ ନିକଟରେ ଥିବା ଏକ ଜଙ୍ଗଲକୁ ଚାଲିଗଲେ ରାତ୍ରିଯାପନ ନିମନ୍ତେ।

ରାତ୍ରି ଠିକ୍ ଏଗାରଟା ବେଳକୁ ଗୋଟିଏ ବଳଦର ବିକଳ ହମ୍ବାରଡ଼ି ଶୁଣି ସେ ବିପଦରେ ପଡିଥିବାର ଅନୁମାନ କରି ରାଜା ଧ୍ୱନି ଆସୁଥିବା ଦିଗରେ ଦୌଡ଼ିଲେ । କିଛି ବାଟ ଗଲା ପରେ ସତକୁ ସତ ପୋଖରୀରେ ଥିବା ପଙ୍କ ଭିତରେ ବଳଦଟିଏ ଫସି ଯାଇଥିବା ରାଜା ଦେଖି ସେ ବି ପଙ୍କ ଭିତରେ ପଶିଲେ । ରାତି ଅଧରେ ରାଜା ଏକୁଟିଆ ବିଭିନ୍ନ କୌଶଳ ପ୍ରୟୋଗ କଲେ ମଧ୍ୟ ବଳଦଟିକୁ ପଙ୍କରୁ ଉଦ୍ଧାର କରିବାରେ ବିଫଳ ହେଲେ । ହେଲେ ପଛକୁ ଚାହିଁଲା ବେଳକୁ ଏକ ସିଂହ ବଳଦର ବୋବାଳି ଶୁଣି ତାକୁ ଶିକାର କରିବା ପାଇଁ ପୋଖରୀ କୂଳରେ ଆସି ହାଜର । ରାଜା ବଳଦ ବାବଦରେ ଆଉ ଅଧିକ କିଛି ଚିନ୍ତା ନ କରି ନିଜର ଖଣ୍ଡା ବାହାର କରି ସିଂହକୁ ଜଗିରହିଲେ ।

ରାଜାଙ୍କ ଏପରି ସ୍ଥିତି ଦେଖି ପୋଖରୀ କୂଳରେ ଥିବା ଏକ ଗଛରେ ବସିଥିବା ତୋତା ପକ୍ଷୀଟିଏ ରାଜାଙ୍କୁ ପଚାରିଲା – ହେ ରାଜନ ! ଆପଣ କାହିଁକି ରାତି ଅନିଦ୍ରା ହୋଇ ବଳଦଟିକୁ ରକ୍ଷା କରିବା ପାଇଁ ଉଦ୍ୟମ କରୁଛନ୍ତି ? ସେ ସେଇ ପଙ୍କରେ ରହି କିଛିଦିନ ପରେ ମରିଯାଇ ପାରେ କିମ୍ବା ଏ ସିଂହ ଆଜି ନ ହେଲେ ବି କାଲି ବଳଦଟିକୁ ନିଜର ଶିକାର ବନାଇ ପାରେ । ଏଠିକି ଆଉ କିଛି ବନ୍ୟଜନ୍ତୁ ଯଦି ଆସିଯାନ୍ତି, ତେବେ ଆପଣଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିବ । ତେଣୁ ଆପଣ ଏଠାରୁ ତୁରନ୍ତ ପଳାଇ ଯାନ୍ତୁ ।

ରାଜା ଉତ୍ତର ଦେଲେ – ହେ ତୋତା, ତୁମେ ଯାହା କହିଲ ଠିକ୍। ତୁମକୁ ଅଶେଷ ଧନ୍ୟବାଦ । କିନ୍ତୁ ତୁମେ ଜାଣି ନାହଁ ଯେ ମୁଁ ଜଣେ ରାଜା ବୋଲି । ତୁମର ଏହି ଉପଦେଶ ଜଣେ ସାଧାରଣ ବ୍ୟକ୍ତି ପାଇଁ ହୁଏତ ଠିକ୍ ହୋଇପାରେ କିନ୍ତୁ ଜଣେ ରାଜା ପାଇଁ ଆଦୌ ନୁହେଁ । ମୁଁ ରାଜା । ବଳଦ ମୋର ପ୍ରଜା । ପ୍ରଜା ଅସୁବିଧାରେ ପଡିଥିବାବେଳେ ତାକୁ ସାହାଯ୍ୟ ପ୍ରଦାନ କରିବା ମୋର ଧର୍ମ ଆଉ କର୍ତ୍ତବ୍ୟ । ନିଜକୁ ତ ସମସ୍ତେ ରକ୍ଷା କରନ୍ତି କିନ୍ତୁ ଅନ୍ୟକୁ ରକ୍ଷା କରିବାରେ ବା ଅନ୍ୟ ପାଇଁ ଜୀବନ ଦେବାରେ ହିଁ ବାସ୍ତବ ମନୁଷ୍ୟତା ନିହିତ ଥାଏ । ତେଣୁ ରାତି ପାହୁ ପଛେ ଏ ସିଂହର ଆକ୍ରମଣରୁ ବଳଦକୁ ରକ୍ଷା କରିବା ପାଇଁ ମୁଁ ଏମିତି ଅନିଦ୍ରାରେ ବସିରହିବି ।

ରାଜାଙ୍କ ଏତିକି କଥାରେ ତୋତା ପକ୍ଷୀଟି କୁଆଡ଼େ ଅଦୃଶ୍ୟ ହୋଇଗଲା । ରାଜା ଚାରିଆଡ଼କୁ ଅନାଇଲେ କିନ୍ତୁ ଆଶ୍ଚର୍ଯ୍ୟ ! ସେତେବେଳକୁ ନା ବଳଦ ଥିଲା ନା ସିଂହ । କେହି ନାହାନ୍ତି । ଏ କି କଥା ! ରାଜାଙ୍କ ମୁଣ୍ଡ ଘୂରିଗଲା ।

ଏହି ସମୟରେ ଆକାଶବାଣୀ ହେଲା – ବତ୍ସ ! ମୁଁ ଜଣେ ଜଙ୍ଗଲୀ ଦେବତା କହୁଛି । ତୋତା ରୂପରେ ତୁମକୁ ପରୀକ୍ଷା କରିବାକୁ ଆସିଥିଲି । ରାଜା ହିସାବରେ ତୁମର କର୍ତ୍ତବ୍ୟ ପ୍ରତି ଥିବା ଅଙ୍ଗିକାରବଦ୍ଧତା ଦେଖି ମୁଁ ଖୁବ୍ ଖୁସି । ଜୀବନ ଥିବା ପର୍ଯ୍ୟନ୍ତ ଖୁବ୍ ଖୁସିରେ ନିଷ୍କଣ୍ଟକ ରାଜ୍ୟ ଭୋଗ କର –ଏତିକି ମୋର ଆଶୀର୍ବାଦ ।

ଠିକ୍ ଏତିକି ବେଳେ ରାଜାଙ୍କ ନିଦ ଭାଙ୍ଗିଗଲା । ରାତି ପାହି ଆସୁଥିଲା । ସ୍ୱପ୍ନରେ ବି ନିଜ ପ୍ରଜାଙ୍କ ହିତ କଥା ଚିନ୍ତା କରୁଥିବାର ଜାଣି ରାଜା ଅଶେଷ ଆତ୍ମସନ୍ତୋଷ ଲାଭ କରି ଏବେ ରାଜନଅର ମୁହାଁ ହେବାକୁ ଉଦ୍ୟତ ହେଲେ ।

ପାଠକେ! ଭାବୁଚି ଏ ଦୁଇଟି ପ୍ରସଙ୍ଗ ଆପଣଙ୍କ ଜୀବନରେ କର୍ମ କରିବାର ଧାରାରେ ନିଶ୍ଚେ ଦିବ୍ୟତା ଭରିଦେବ ବୋଲି ।


*– ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*
*ମୋ –୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଅନ୍ୱେଷୀ

**ରାସବିହାରୀ ବେହେରା,**
**ପ୍ରକାଶକ– ଅର୍ଜି ପ୍ରକାଶନୀ**
**ଭବାନୀପାଟଣା, ମୂଲ୍ୟ–୩୦୦ଟଙ୍କା**

'ଅନ୍ୱେଷୀ' ରାସ ବିହାରୀ ବେହେରାଙ୍କ ଉପନ୍ୟାସ । ଏହା ମହାତ୍ମା ଗାନ୍ଧିଙ୍କ ଚିନ୍ତାଧାରକୁ ନେଇ ରଚନା କରାଯାଇଛି । ସାବରମତି ଆଶ୍ରମର ସନ୍ଥ, ଅହିଂସାର ଉପାସକ ତଥା ଜାତିର ଜନକ ଗାନ୍ଧୀ ସମଗ୍ର ଭାରତର ନେତୃତ୍ୱରେ ଦେଶକୁ ବ୍ରିଟିଶ ଶାସନରୁ ମୁକ୍ତ କରି ପାରିଥିଲେ । ମହାତ୍ମାଙ୍କ ବ୍ୟକ୍ତିତ୍ୱକୁ ଫୁଟାଇ ଉପନ୍ୟାସ ରଚନା କରିବା ସହଜ ନୁହେଁ। କିନ୍ତୁ ଲେଖକ ଯେଉଁ ସାହସ ଦେଖାଇଛନ୍ତି ତାହା ସ୍ୱାଗତ ଯୋଗ୍ୟ । ଗାନ୍ଧୀ ଆମକୁ ଯେଉଁ ପରାମର୍ଶ ଦେଇ ଯାଇଛନ୍ତି, ଯେ କୌଣସି କାର୍ଯ୍ୟ କରିବାକୁ ହେଲେ, ନିଜ ଉପରେ ବିଶ୍ୱାସ ସଦା ଅତୁଟ ରଖ । ଆତ୍ମ ବିଶ୍ୱାଠୁ ବଳି ବଡ ଶକ୍ତି ଆଉ କିଛି ନାହିଁ। ନୈରାଶ୍ୟବାଦ ତୁମକୁ ଦୁର୍ବଳ କରେ, ଆଶାବାଦ ତୁମକୁ ଅଦମ୍ୟ ସାହସ ଯୋଗାଏ। ଲେଖକ ବିଭିନ୍ନ ଆନ୍ଦୋଳନ ଓ ଗାନ୍ଧିଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି ବାସ୍ତବିକ୍ ତାହା ପ୍ରଣିଧାନଯୋଗ୍ୟ । ଉପନ୍ୟାସଟି ପାଠକାଦୃତି ଲାଭ କରିବ ବୋଲି ଆଶା ।




### ଶାନ୍ତ ସକାଳ

**ଡା.ଅନିତା ପଣ୍ଡା, ପ୍ରକାଶକ– ପକ୍ଷୀଘର ପ୍ରକାଶନୀ**
**ମଧୁସୂଦନ ନଗର, ଭୁବନେଶ୍ୱର–୧, ମୂଲ୍ୟ–୧୫୫ ଟଙ୍କା**

ଡା.ଅନିତା ପଣ୍ଡାଙ୍କ ଉପନ୍ୟାସ ହେଉଛି 'ଶାନ୍ତ ସକାଳ'। ନାରୀକୁ ନେଇ ବିଶ୍ୱର ସବୁ ଭାଷାର ସାହିତ୍ୟ । କେତେବେଳେ ସେ ଦେବୀ ତ କେତେବେଳେ ସେ ସାମାଜିକ ବ୍ୟବସ୍ଥାର ପ୍ରତିବାଦରେ ମଶାଲ–ବାହକ, ପୁଣି କେତେବେଳେ ସମାଜକୁ ଦିଗ୍‌ଦର୍ଶନ ଦେଇଥିବା ବ୍ୟକ୍ତିତ୍ୱ, ଯାହା ଭିତରେ ଛପି ରହିଥାଏ ମମତାର ପ୍ଲାବିନୀ ଗଙ୍ଗାଧାର। ସେହି ନାରୀଙ୍କୁ ନେଇ ଓଡିଆ ସାହିତ୍ୟ ସବୁବେଳେ ମୁଖର ହୋଇ ଆସିଛି । ବଦଳି ଚାଲିଥିବା ଦୃଶ୍ୟପଟ ଭିତରେ ନାରୀ ଓ ନାରୀର ମନସ୍ତତ୍ତ୍ୱକୁ ଆଧାର କରି ସାରସ୍ୱତ ସର୍ଜନାରେ ନିମଗ୍ନ ହୋଇଛନ୍ତି କଥାଶିଳ୍ପୀ ଡା. ଅନିତା ପଣ୍ଡା । ନାରୀ ଓ ଦେଶ ତାଙ୍କୁ ସବୁବେଳେ ପ୍ରେରିତ କରି ଆସିଛି। ତାର ପ୍ରମାଣ ହେଉଛି ଶାନ୍ତ ସକାଳ। ବେଶ୍ ସାବଲୀଳ ଓ ଅନ୍ତରଙ୍ଗ ଭାବେ ଲିଖିତ ଏହାର କାହାଣୀ ଏହା ପାଠକଲେ ଯେ କୌଣସି ପାଠକଙ୍କୁ ଆନ୍ଦୋଳିତ କରିବ । ଏହା ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିବ ବୋଲି ଆଶା ।




### କିଛି କହିବାର ଅଛି

**ଶ୍ରବସ୍ତ ନାୟକ**
**ପ୍ରକାଶକ–ଜ୍ଞାନଯୁଗ ପବ୍ଲିକେଶନ**
**ଆଇଆରସି ଭିଲେଜ, ଭୁବନେଶ୍ୱର –୧୫,**
**ମୂଲ୍ୟ–୨୫୦ଟଙ୍କା**


ପୁସ୍ତକରେ ୪୬ଟି ପ୍ରବନ୍ଧ ସ୍ଥାନ ପାଇଛି। ଏହା ଲେଖକଙ୍କର ପ୍ରଥମ ପୁସ୍ତକ । ସମାଜରେ ଘଟୁଥିବା ଭିନ୍ନ ଭିନ୍ନ ଘଟଣାଗୁଡ଼ିକୁ ଯତ୍ନ ସହକାରେ ଅନୁଶୀଳନ ଓ ଭାବାତ୍ମକ ଅଧ୍ୟୟନ କରି ସାରଗର୍ଭକ ତତ୍ତ୍ୱଗୁଡିକୁ ଏଥିରେ ଉପସ୍ଥାପନ କରାଯାଇଛି। ଆଗ୍ନେୟ ଅନୁଭବର ଅନୁପମ ପୁସ୍ତକଟିରେ ଗଦ୍ୟ ଶୈଳୀକୁ ପରିପୂର୍ଣ୍ଣ କରିଛି। ସୁସ୍ଥ ସମାଜ ଗଠନ ଓ ଦିଗହରା ପଥିକକୁ ଦର୍ଶ୍ୟମାନ କରିବାକୁ ଲେଖକ ଯେଉଁ ପ୍ରୟାସ କରିଛନ୍ତି ତାହା ବାସ୍ତବରେ ସୁଖପାଠ୍ୟ ପ୍ରେରଣାଦାୟୀ। ଆମ ଜୀବନରେ ଘଟୁଥିବା ପ୍ରତିଟି ଘଟଣାକୁ ନେଇ ଲେଖକ ତାଙ୍କ କଲମ ମୁନରେ ଗୋଲାପ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ଏହା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମନକୁ ସ୍ପର୍ଶ କରିବ ବୋଲି ଆଶା।




# ରଙ୍ଗ ବଦଳାଏ ଏହି ମାଛ

ଏଇ ପୃଥିବୀରେ ଅନେକ ପ୍ରକାରର ଅଜବ ଜୀବଜନ୍ତୁ ଅଛନ୍ତି। ସେମାନଙ୍କୁ ଦେଖିଲେ ତ ବେଳେବେଳେ ଲାଗେ ସତରେ ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟି କେତେ ଚମତ୍କାର। ସେଇଭଳି ଏକ ଅଜବ ପ୍ରାଣୀ ହେଉଛି 'ଫ୍ଲାଶିଂ ଟାଇଲଫିଶ୍' ନାମକ ଏକ ମାଛ। ଉକ୍ତ ମାଛର ବିଶେଷତ୍ୱ ହେଉଛି ଯେ, ମାଛଟି ବହୁରୂପୀ ଏଣ୍ଡୁଅ ପରି ରଙ୍ଗ ବଦଳାଇପାରେ। ଏହା ନିଜ ଆଖପାଖର ପରିବେଶ ଓ ନିଜ ମୁଡ୍ ହିସାବରେ ନିଜ ଶରୀରର ରଙ୍ଗ ବଦଳାଇଥାଏ। ଗାଢ ନୀଳରୁ ହଳଦିଆ ଓ ହଳଦିଆରୁ ସବୁଜ ରଙ୍ଗରେ ସେ ଖୁବ୍ ଶୀଘ୍ର ପରିବର୍ତ୍ତିତ ହେଉଥିବାରୁ ଏହାର ନାମ ଫ୍ଲାଶିଂ ରଖାଯାଇଛି। ତେବେ ଏଭଳି ରଙ୍ଗ ବଦଳିବା ପଛର କାରଣ ହେଉଛି– ଏହାର ଚର୍ମରେ ଏକ ଖାସ୍ ପ୍ରକାରର ପ୍ରୋଟିନ୍ ଥାଏ ଯାହାକି ଭିନ୍ନ ଭିନ୍ନ ରଙ୍ଗର ପ୍ରକାଶକୁ ରିଫ୍ଲେକ୍ଟ ବା ପ୍ରତିଫଳିତ କରିପାରେ। ତେଣୁ ତାର ଶରୀରର ରଙ୍ଗ ବଦଳୁଥିବା ପରି ଦେଖାଯାଏ। ତେବେ ଏହି ମାଛର ସ୍ୱଭାବ ବହୁତ ଶାନ୍ତ। ଏହା କୌଣସି ସାମୁଦ୍ରିକ ପ୍ରାଣୀଙ୍କୁ ହଇରାଣ କରି ନ ଥାଏ।





# ପୋର୍ଟ୍ରେଟ୍ ନୁହେଁ କୁକିଜ୍



୧୦ ବର୍ଷ ବୟସରୁ ପ୍ରାଚୀ ଧବଲ ଦେବ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଓ ସ୍ୱାଦିଷ୍ଟ କେକ୍ କରିପାରୁଥିଲେ। ଘରେ ସମସ୍ତେ ଭାବୁଥିଲେ ସେ ବଡ଼ ହେଲେ ନିଶ୍ଚିତଭାବେ କିଛି ସୃଜନଶୀଳ କାମ କରିବେ। କିନ୍ତୁ ବଡ଼ ହେବା ପରେ ସେ ମଲ୍ଟି ନ୍ୟାଶନାଲ କମ୍ପାନୀରେ ଫାଇନାନ୍ସିଆଲ ଆନାଲିଷ୍ଟ ଭାବେ କାମ କଲେ। ହେଲେ ଏହି କାମ କରି ତାଙ୍କୁ ଆତ୍ମସନ୍ତୋଷ ମିଳୁ ନ ଥିଲା। ତେଣୁ ୨୦୧୧ରେ ସେ ଚାକିରି ଛାଡିଦେଲେ। ଆଉ ପୁଣିଥରେ କେକ୍ ତିଆରି କାମରେ ଲାଗିଲେ। ପ୍ରଥମେ ସେ ନିଜ ସାଙ୍ଗର ଜନ୍ମଦିନ ପାଇଁ ଏକ ସୁନ୍ଦର କେକ୍ କଲେ। ସମସ୍ତଙ୍କୁ ତାହା ଏତେ ଭଲ ଲାଗିଲା ଯେ, ସେଠି ତାଙ୍କୁ ଜଣେ କେକ୍ ଅର୍ଡର ଦେଲେ। ଏଇଠୁ ତାଙ୍କର ପ୍ରଫେସନାଲ କେକ୍ ତିଆରି ଯାତ୍ରା ଆରମ୍ଭ ହେଲା। ଏହାପରେ ଥରେ ଏକ ବାହାଘରରେ କନିଆର ମେହେନ୍ଦି, ସଙ୍ଗିତ, ବିବାହର ବିଭିନ୍ନ ଅକେଜନକୁ କୁକିଜ୍‌ରେ କରିବାକୁ ପ୍ରସ୍ତାବ ଦିଆଗଲା। ପ୍ରାଚୀ ଚେଷ୍ଟା କରି କନିଆଙ୍କର ବିଭିନ୍ନ ଅକେଜନ୍‌ର ବହୁତ ସୁନ୍ଦର ସୁନ୍ଦର କୁକିଜ୍ ତିଆରି କଲେ। ତାହା ବି ସମସ୍ତଙ୍କୁ ବେଶ୍ ପସନ୍ଦ ହେଲା। ଏହା ପରେ ବଙ୍ଗାଳୀ, ମହାରାଷ୍ଟ୍ରର ବାହାଘରେ ବି କୁକିଜରେ ତିଆରି କନିଆ ପାଇଁ ତାଙ୍କ ପାଖକୁ ଅର୍ଡର ଆସିଲା। ସୁନ୍ଦର ବିବାହ ପୋଷାକ, ଗହଣା ପିନ୍ଧିଥିବା ଏହି କୁକିଜ୍‌ଗୁଡିକୁ ସେ ଏତେ ନିଖୁଣଭାବେ କରନ୍ତି ଯେ, ସତସତିକା କନିଆ ଭଳି ଲାଗେ। ଆଉ ତାକୁ ଖାଇବାକୁ ବି ଇଚ୍ଛା ହେବ ନାହିଁ। ୨୦୧୫ରେ ସେ ୟୁକେ ଯାଇ ବ୍ରିଟିଶ ରାଜ ପରିବାରର ବିବାହ ପାଇଁ କେକ୍ ତିଆରି କରୁଥିବା କେକ୍ ମାଷ୍ଟରଙ୍କ ଠାରୁ ରୟାଲ ଆଇସିଂ କଳା ଶିଖିଛନ୍ତି। ତେଣୁ ତାଙ୍କ କେକ୍ ଓ କୁକିଜ୍‌ଗୁଡିକ ସବୁଠାରୁ ଭିନ୍ନ ଓ ଚମତ୍କାର ହୋଇଥାଏ। ଯାହାକୁ କି ପ୍ରଥମ ନଜରରେ କେକ୍ ବୋଲି ଭାବି ହେବ ନାହିଁ। କେବଳ କୌଣସି କାରିଗରର ସୁନ୍ଦର କାରୁକାର୍ଯ୍ୟ ବୋଲି ଯେକେହି ଭାବିବେ।

# ପିରାମିଡ କାର





ପ୍ରାୟ ସମସ୍ତଙ୍କ ମନରେ ଏକ ଡ୍ରିମ୍ କାର୍‌ର ଇଚ୍ଛା ଥାଏ। ତେଣୁ ଲୋକଙ୍କ ଚାହିଦାକୁ ଚାହିଁ କାର୍ ନିର୍ମାତାମାନେ ନାନା ସୁବିଧା ଉପଲବ୍ଧ ଥିବା ଓ ବିଭିନ୍ନ ଡିଜାଇନ୍‌ର କାର୍ ତିଆରି କରିଥାନ୍ତି। ଏହାବାଦ ବି କିଛି ଅଜବ କାର୍ ଡିଜାଇନ୍ ହୋଇଥାଏ, ଯାହାକି ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ସାଜେ। ଏଇ ଯେମିତିକି ଡ୍ରିମ୍ କାର୍ ୧୨୩। ଏହା ଦେଖିବାକୁ ପିରାମିଡ ପରି। ଗ୍ରେଗ୍ ଜେନିସ୍ ହେଉଛନ୍ତି ଏହାର ନିର୍ମାତା। ପିଲାଟି ଦିନରୁ ତାଙ୍କର କିଛି ଭିନ୍ନ ଡିଜାଇନ୍‌ର କାର୍ ତିଆରି କରିବାକୁ ଇଚ୍ଛା ଥିଲା। ଆଉ ବଡ଼ ହେଲା ପରେ ୨୦୦୮ରେ ସେ ଉକ୍ତ ପିରାମିଡ ଆକାରର କାର ତିଆରି କଲେ, ଯାହାକି ଏକ ଇଲେକ୍ଟ୍ରିକ୍ କାର୍। ସାଢେ ତିନି ଘଣ୍ଟା ଚାର୍ଜ ହେଲେ ଏହା ୧୨୫ କି.ମି. ବାଟ ଯାଇପାରେ। ଏଥିରେ ନିରାପତ୍ତା ପ୍ରତି ବହୁତ ଧ୍ୟାନ ଦିଆଯାଇଛି। ବୁଲେଟ୍ ପ୍ରୁଫ୍ କାଚ ବ୍ୟବହାର ହୋଇଛି। ଏହାର ବାହାରେ ବ୍ୟବହାର କରାଯାଇଥିବା ଏଲଇଡି ଲାଇଟ୍ ଏହାକୁ ଆକର୍ଷକ କରାଏ। ତେବେ ଏହି କାର୍‌ର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଅଜବ ଡିଜାଇନ୍‌ର ହୋଇଥିବା ଯୋଗୁ ଏହାକୁ ଚଳାଇବାବେଳେ ସ୍ପେଶ୍ ଶିପ୍ ଚଳାଇବାର ଅନୁଭୂତି ମିଳେ।